ଆଜି - ବୁଧବାର
ତାରିଖ - ୧୫ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୨
ତିଥି - ତ୍ରୟୋଦଶୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୩: ୦୦
ସୂର୍ଯ୍ୟାସ୍ତ - ୬ : ୦୧ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ନିଜର ଦେଶ ସ୍ୱାଧୀନ ବୋଲି ଅନୁଭବ କରିବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ ଦେଶର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ।"

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍


E-News : www.Ajikali epaper.com

Vol.- 41 ISSUE- 02 R.N.I. REGD. No. 44026/86 ବାଲେଶ୍ୱର ୧୫ ଅପ୍ରେଲ ୨୦୨୬ ବୁଧବାର BALASORE 15 APRIL 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କଲେ ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ରାଜ୍ୟସଭାର ଅଧକ୍ଷ ଶ୍ରୀ ସି. ପି. ରାଧାକୃଷ୍ଣନ୍; ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ସଂସଦ ଭବନ ପରିସରରେ ପ୍ରେରଣା ସ୍ଥଳରେ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଅନେକ କେନ୍ଦ୍ର ମନ୍ତ୍ରୀ, ରାଜ୍ୟସଭାରେ ବିରୋଧୀ ଦଳ ନେତା ଶ୍ରୀ ମଲ୍ଲିକାର୍ଜୁନ ଖାର୍ଗେ; ରାଜ୍ୟସଭାର ଉପାଧକ୍ଷ ଶ୍ରୀ ହରିବଂଶ; ଏହି ଅବସରରେ ସଂସଦର ସଦସ୍ୟ, ପୂର୍ବତନ ସାଂସଦ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ, ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା; କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଶ୍ରୀ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦର ସଦସ୍ୟ ଏବଂ ପୂର୍ବତନ ସାଂସଦମାନେ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଲୋକସଭାର ମହାସଚିବ ଶ୍ରୀ ଉତ୍ପଳ କୁମାର ସିଂହ ମଧ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ, ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ଲୋକସଭା ସଚିବାଳୟର ସଂସଦୀୟ ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ 'ତୁମର ନେତାଙ୍କୁ ଜାଣନ୍ତୁ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ବିର୍ଲା ଉଲ୍ଲେଖ କରିଥିଲେ ଯେ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକର ତାଙ୍କ ଅନନ୍ୟ ଦକ୍ଷତା, ସମର୍ପଣ ଏବଂ ପ୍ରତିବଦ୍ଧତା ସହିତ ତାଙ୍କ ଜୀବନର ପ୍ରତ୍ୟେକ ଆହ୍ୱାନକୁ ଏକ ସୁଯୋଗରେ ପରିଣତ କରିଥିଲେ । ତାଙ୍କ ଜୀବନ, ଆଦର୍ଶ, ଚିନ୍ତାଧାରା ଏବଂ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଅବଦାନ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଏକ ଚିରନ୍ତନ ଉତ୍ସ, ଶ୍ରୀ ବିର୍ଲା ଆଲୋକପାତ କରିଥିଲେ । ବାବାସାହେବ ଡକ୍ଟର ଆମ୍ବେଦକରଙ୍କ ପ୍ରମୁଖ ଅବଦାନ ଉଲ୍ଲେଖ କରି ଶ୍ରୀ ବିର୍ଲା ଗୁରୁତ୍ୱାରୋପ କରିଥିଲେ ଯେ ସମ୍ବିଧାନରେ ସମାନତାର ଅଧିକାର ଏବଂ କୌଣସି ଭେଦଭାବ ବିନା ଭୋଟ ଦେବାର ଅଧିକାର ଭଳି ପ୍ରଗତିଶୀଳ ବ୍ୟବସ୍ଥା ଏକ ଶକ୍ତିଶାଳୀ ଭାରତର ମୂଳଦୁଆ ସ୍ଥାପନ କରିଛି, ଯାହା କେବଳ ଭାରତରେ ଗଣତନ୍ତ୍ରକୁ ନୁହେଁ ବରଂ ବିଶ୍ୱବ୍ୟାପୀ ଗଣତନ୍ତ୍ରକୁ ମଧ ପ୍ରେରଣା ଦେଇ ଆସୁଛି । ଭାରତର ଯୁବପିଢ଼ିଙ୍କୁ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଚିନ୍ତାଧାରାର ପ୍ରକୃତ ଦୂତ ଭାବରେ ଉଲ୍ଲେଖ କରି ଶ୍ରୀ ବିର୍ଲା ସେମାନଙ୍କୁ ସର୍ବଦା 'ରାଷ୍ଟ୍ର ପ୍ରଥମ' ପ୍ରତିବଦ୍ଧତା ସହିତ କାମ କରିବାକୁ ଅନୁରୋଧ କରିଥିଲେ । ଶ୍ରୀ ବିର୍ଲା କହିଥିଲେ ଯେ ସେମାନଙ୍କର ପ୍ରତିଭା, ଦକ୍ଷତା, ନବସୃଜନ ଏବଂ ସମର୍ପଣ ଭାରତକୁ ଆହୁରି ଶକ୍ତିଶାଳୀ ଏବଂ ବିକଶିତ କରିବ । ଏହି ଅବସରରେ, ଶ୍ରୀ ବିର୍ଲା ତାଙ୍କ ଡ ବାର୍ତ୍ତାରେ କହିଛନ୍ତି, "ବି. ଆର. ଆମ୍ବେଦକରଙ୍କ ଜୀବନ ସଂଘର୍ଷର ଏକ ସାହସିକ ଗାଥା । ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ସତ୍ତ୍ୱେ, ସେ ଉଲ୍ଲେଖନୀୟ ଉଚ୍ଚତାରେ ପହଂଚିଥିଲେ ଏବଂ ତାଙ୍କର ଅଦମ୍ୟ ସାହସ, ନିଷ୍ଠୁର କଠିନ ପରିଶ୍ରମ ଏବଂ ଶିକ୍ଷା ପ୍ରତି ସମର୍ପଣ ମାଧ୍ୟମରେ, କେବଳ ନିଜକୁ ପ୍ରତିଷ୍ଠିତ କରିନଥିଲେ ବରଂ ଲକ୍ଷ ଲକ୍ଷ ବଂଚିତ ଏବଂ ନିର୍ଯାତିତ ଲୋକଙ୍କ ପାଇଁ ଏକ ନୂତନ ଆଶାର କିରଣ ହୋଇଯାଇଥିଲେ ।

## ଭାରତରତ୍ନ ଡଃ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହାଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ ଭୁବନେଶ୍ୱର ଖାରବେଳ ନଗର ଠାରେ ଆମ୍ବେଦକର ଭବନ ନିର୍ମାଣ ହେବ ଏବଂ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମତା ଓ ନ୍ୟାୟ ଭିତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଅଭିଭାଷଣରେ ଆମ୍ବେଦକରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ । ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡଃ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇଛି । ସମାଜର ସବୁଠାରୁ



ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡିଶା ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯେ ଓଡିଶାରେ ଆମ ସରକାର ଆସିବା ପରେ ଅଧିକାଂଶ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଳିତ ଓ ନିଷ୍ପେଷିତଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬-୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି । ଏଥି ସହିତ ଚଠଞ୍ଚଏ ବର୍ଗଙ୍କ ବିକାଶକୁ ମଧ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ । ସେ ଆହୁରି କହିଛନ୍ତି ଯେ ୨୦୨୬-୨୭ ବଜେଟରେ ଏସ୍ ?ସି ଓ ଏସ୍ ?ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି । ଇଞ୍ଜିନିୟରିଂ ଓ ମେଡିକାଲ୍ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥାକୁ ସେ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି କହିଛନ୍ତି, ଯେ ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ, ସୁଯୋଗ ମିଳିଲେ ସବୁଠୁ ଆଗକୁ ବଢ଼ିପାରିବେ । ଖାଦ୍ୟ ସୁରକ୍ଷାକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ସୁରକ୍ଷା ସାମାଜିକ ନ୍ୟାୟର ମୂଳ ଆଧାର ଏବଂ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନା ମାଧ୍ୟମରେ କୋଟିକୋଟି ଲୋକ ଲାଭାନ୍ୱିତ ହେଉଛନ୍ତି । ଏଥିସହିତ ସେ ଆହ୍ୱାନ କରିଛନ୍ତି ଯେ ସମତା ଭିତିକ ସମାଜ ଗଠନ ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ । ୧୯୯୦ରେ ଡକ୍ଟର ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମରଣୋତର ଭାରତରତ୍ନ ପ୍ରଦାନ କରାଯାଇଥିଲା, ଯେତେବେଳେ ସେ ସମୟର ସରକାରକୁ ଭାରତୀୟ ଜନତା ପାର୍ଟି ସମର୍ଥନ ଦେଇଥିଲା । ସମ୍ବିଧାନର ନିର୍ମାତା ଏବଂ ଦେଶର ଅଖଣ୍ଡତାର ନାୟକଙ୍କୁ ସେମାନେ ଭୁଲି ନ ଥିଲେ, ଜାଣିଶୁଣି ତାଙ୍କୁ ଅବହେଳିତ ଏବଂ ଅନାଦାର କରାଯାଇଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି । ମୋଦୀଜୀ ଡ. ବାବା ସହେବଙ୍କ ଜୀବନୀ ସହିତ ଜଡିତ ୫ଟି ସ୍ଥାନକୁ ବିକଶିତ କରି ପଂଚତୀର୍ଥ ଭାବେ ନାମକରଣ କରିଛନ୍ତି । ମୋଦୀ ସରକାରଙ୍କ ଅନେକ ଯୋଜନା ଆମ୍ବେଦକରଙ୍କ ସ୍ୱପ୍ନର ଭାରତର ପରିକଳ୍ପନାକୁ ସାର୍ଥକ କରିଛି ବୋଲି ସେ କହିଥିଲେ । ଏହି ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଶ୍ରୀ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

▸▸ ନାରୀ ବନ୍ଦନ କାର୍ଯ୍ୟକ୍ରମ ନେଇ ବିରୋଧୀଙ୍କ ଅଭିଯୋଗର ଜବାବ ରଖିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ସେ କହିଛନ୍ତି ଗତକାଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଏଶ୍ରେୟ କେବଳ ମାତୃଶକ୍ତିର ।

▸▸ ସୁରକ୍ଷା ବ୍ୟବସ୍ଥା କୁ ନେଇ ରାଜଧାନୀର ବିଭିନ୍ନ ଆପାର୍ଟମେଂଟରେ ନୋଟିସ ଲଗାଇଛି କମିଶନରେଟ୍ ପୋଲିସ୍ । କମିଶନରେଟ ପୋଲିସ ଆପାର୍ଟମେଂଟ ମାନଙ୍କରେ ଆଇପି ଏନାବଲ କ୍ୟାମେରା ଲଗାଇବାକୁ ବାଧ୍ୟତାମୂଳକ କରିଛି ।

▸▸ ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ଦିନ ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରଭୁ ଅନନ୍ତ ସ୍ୱାମୀ ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଶ୍ରୀ ଶ୍ରୀ ମହାବୀରଙ୍କ ନୂତନ ଯଜ୍ଞ ମଣ୍ଡପ ଉଦଘାଟନ କରିଛନ୍ତି ।

▸▸ ଝାଡ଼ାବାନ୍ତିରେ ଅସୁସ୍ଥ ବାରିପଦା ରାସଗୋବିନ୍ଦପୁର ପଂଚମ ଶ୍ରେଣୀ ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ।

## ସମ୍ବଲପୁରରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସମ୍ବଲପୁର : ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ସମ୍ବିଧାନ ପ୍ରଣେତା ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଏବଂ ଜମନକିରା ଅଂଚଳ ପାଇଁ ଏକ ବଡ଼ ବିକାଶର ଭେଟି ଦେଇଛନ୍ତି । ଶ୍ରୀ ପ୍ରଧାନ ଏହି ଅଂଚଳ ଗସ୍ତ ସମୟରେ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି । କୁଚିଣ୍ଡା ଓ ବାମରା ଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର



୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । କୁଚିଣ୍ଡା ଠାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ, ପ୍ରାୟ ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେ[ର ସ୍ଥାନୀୟ ଅଂଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ । ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷି ଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦଘାଟନ ଏବଂ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଂଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି । ଲୋକାର୍ପିତ ନୂତନ କମ୍ୟୁନିଟି ସେ[ର ଅଂଚଳର ଗରିବ ସାଧାରଣ ଲୋକମାନଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବ୍ରତଘର ଓ ବିବାହ ପାଇଁ ବହୁତ ସହାୟକ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ, ସବୁଜାୟନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜଭୂତ୍ କରିବ । ବିଶେଷ କରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ ।

## ରାଜ୍ୟରେ ପ୍ରାକ୍-ପ୍ରାଥମିକ ଶିକ୍ଷା ବିକାଶ କାର୍ଯ୍ୟକ୍ରମ 'ଆରୋହଣ'କୁ ଉଦ୍‌ଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ ଭୁବନେଶ୍ୱର ସ୍ଥିତ ଆଇସିଡବ୍ଲୁଏସ ପରିସରରେ ଅଭିନବ କାର୍ଯ୍ୟକ୍ରମ 'ଆରୋହଣ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତିପରିଡ଼ା ଛୋଟ ପିଲାମାନଙ୍କୁ ତିଳକ ଲଗାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ ଏହି ନୂତନ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ । "ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ" ସ୍ଲୋଗାନ ସହ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଉପସ୍ଥିତ ଶିଶୁ ଓ ଅଭିଭାବକମାନଙ୍କୁ ସମ୍ବୋଧିତ କରି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଶୁର ଜନ୍ମଠାରୁ ପ୍ରଥମ ଛଅ ବର୍ଷ ମଧ୍ୟରେ ମସ୍ତିଷ୍କର ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ସେଥିପାଇଁ 'ପୋଷଣ ପକ୍ଷ-୨୦୨୬' ଅବସରରେ ସରକାର ପ୍ରାକ୍-ପ୍ରାଥମିକ ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ



ମୃଣାଳିନୀ ଦାର୍ସଓ୍ୱାଲ, ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଭାରପ୍ରାପ୍ତ ନିର୍ଦ୍ଦେଶିକା ସ୍ୱୟଂ ପ୍ରଭା ମହାନ୍ତି, ଅତିରିକ୍ତ ଶାସନ ସଚିବ ଇତିଶ୍ରୀ ଦାସ, ଏବଂ ଏନ୍. ସି. ଜ୍ୟୋତି ରଞ୍ଜନଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ସହଯୋଗୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ସାରା ଓଡ଼ିଶାରେ ପାଳନ ହେଲା ଓଡ଼ିଆ ନବ ବର୍ଷ

ଭୁବନେଶ୍ୱର : ଆଜି ପବିତ୍ର ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ତଥା ଓଡିଆ ନବବର୍ଷ । ଆଜି ଓଡିଆ ନବବର୍ଷ ଉପଲକ୍ଷେ ନୂତନ ପଞ୍ଜିକାର ଶୁଭାରମ୍ଭ ହୁଏ । ପ୍ରତିଟି ଓଡିଆ ଏହି ଦିନକୁ ଖୁବ୍ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । ଓଡିଆ ପରମ୍ପରା ଅନୁଯାୟୀ ପଣାସଂକ୍ରାନ୍ତି ଅବସରରେ ଘରେ ଘରେ ପଣା ପ୍ରସ୍ତୁତ କରାଯାଏ, ଏହାସହିତ ପ୍ରତି ଘରର ନା ବୃନ୍ଦାବତୀଙ୍କ ଉପରେ ଏକ ମାଟିର ଠେକି ପାଣି ପୂରାଇ ବନ୍ଧଯାଏ । ଏହାକୁ କେଇ କେଇ ଠେକିବନ୍ଧା ସଂକ୍ରାନ୍ତି ବି କୁହନ୍ତି । ଏହା ସହିତ ଆଜିର ଦିନରେ ହନୁମାନ ଜୟନ୍ତୀ ମଧ ପାଳିତ ହୋଇଥାଏ । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ପ୍ରମୁଖ ନେତା ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡିଶାରେ ମହା ବିଶୁବ ସଂକ୍ରାନ୍ତି, ଓଡିଆ ନବବର୍ଷ ପାଳନ, ଓଡ଼ିଆଙ୍କ ପାଇଁ ବଡ଼ ଦିନ ହୋଇଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ



ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇ ସେ ଭାରତ ଏବଂ ବିଦେଶର ନାଗରିକମାନଙ୍କୁ ବୈଶାଖୀ, ବିଷୁ, ବିଷୁବ, ବୋହାଗ ବିହୁ, ପୋଇଲା ବୈଶାଖ, ମେସାଦି, ବୈଶାଖଦି, ପୁଥାଣ୍ଡୁ ଏବଂ ପଣା ସଂକ୍ରାନ୍ତିର ଶୁଭେଚ୍ଛା ଜଣାଇଛନ୍ତି । ଏହି ପବିତ୍ର ଅବସରରେ, ମୁଁ ଭାରତ ଏବଂ ବିଦେଶରେ ଥିବା ମୋର ସମସ୍ତ ସହବାସୀଙ୍କୁ ମୋର ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି ବୋଲି ରାଷ୍ଟ୍ରପତି ଲେଖିଛନ୍ତି । ଆଜି ଓଡିଆଙ୍କ ପାଇଁ ଏକ ବଡ଼ ଦିନ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଡ ପୋଷ୍ଟରେ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ପଣାସଂକ୍ରାନ୍ତିର ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଆରେ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ନୂତନ ବର୍ଷ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିବ । ସେ ବିଶ୍ୱ ସ୍ତରରେ ଓଡିଆ ପରିଚୟ ଏବଂ ସଂସ୍କୃତିକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

### ପୂର୍ବ ତଟ ରେଳପଥ ମହାପ୍ରବନ୍ଧକଙ୍କ ଖୋର୍ଦ୍ଧା ରୋଡ୍ - ପୁରୀ ସେକ୍ସନର ନିରୀକ୍ଷଣ

## ପୁରୀ ଷ୍ଟେସନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର : ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କଓ୍ୱାଲ ଆଜି ଖୋର୍ଦ୍ଧା ରୋଡ୍ - ପୁରୀ ସେକ୍ସନ ନିରୀକ୍ଷଣ କରିବା ସହିତ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଷ୍ଟେସନରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି । ନିରୀକ୍ଷଣ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ଟ୍ରାକ୍ ସ୍ଥିତି, ସିଗ୍ନାଲିଂ ପ୍ରଣାଳୀ ଓ ସମଗ୍ର ପରିଚାଳନାଗତ ଦକ୍ଷତାର ମୂଲ୍ୟାଙ୍କନ କରିଛନ୍ତି । ବିଶେଷକରି ପ୍ରମୁଖ ପର୍ବ ପର୍ବାଣି ସମୟରେ ଯାତ୍ରୀଙ୍କ ଯାତାୟତରେ ହେଉଥିବା ଉଲ୍ଲେଖନୀୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସମୀକ୍ଷା କରାଯାଇଥିଲା । ପୁରୀ ଷ୍ଟେସନରେ ମହାପ୍ରବନ୍ଧକ ତୀର୍ଥଯାତ୍ରା କେନ୍ଦ୍ରିକ ଭିତିଭୂମି ଉପରେ ଗୁରୁତ୍ୱ ଦେଇ ଚାଲୁଥିବା ପୁନର୍ବିକାଶ ଏବଂ ଯାତ୍ରୀ ସୁବିଧା ବୃଦ୍ଧି କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ । ରଥ ଯାତ୍ରା ସମୟରେ ଭକ୍ତମାନଙ୍କର ବିପୁଳ ଆଗମନକୁ ଦୃଷ୍ଟିରେ ରଖି, ଯାତ୍ରୀମାନଙ୍କର ସୁଗମ ପରିଚାଳନା ଏବଂ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଉପରେ ବିଶେଷ ଜୋର ଦିଆଯାଇଥିଲା । ସମୀକ୍ଷା ସମୟରେ, ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରୀ ସୁବିଧାଗୁଡ଼ିକର ବୃଦ୍ଧି ଏବଂ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ପ୍ଲାଟଫର୍ମ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷାଳୟ ଗୁଡ଼ିକର ବିକାଶ ସହିତ ବିଭିନ୍ନ ସୁବିଧା ଓ ଗତିବିଧିକୁ ସୁଗମ କରିବା ପାଇଁ ଯାତ୍ରୀକେନ୍ଦ୍ରିକ ଭିତିଭୂମିରେ ସାମଗ୍ରିକ ଉନ୍ନତି ଅନ୍ତର୍ଭୁକ୍ତ । ରଥଯାତ୍ରା ପୂର୍ବରୁ ପୁରୀ ଷ୍ଟେସନରେ ସମସ୍ତ ପୁନର୍ବିକାଶ କାର୍ଯ୍ୟ ଠିକ୍ ସମୟରେ



ସମାପ୍ତ କରିବା ଉପରେ ମହାପ୍ରବନ୍ଧକ ବିଶେଷ ଗୁରୁତ୍ୱାରୋପ କରିଥିଲେ, ଅଧିକାରୀମାନଙ୍କୁ କାର୍ଯ୍ୟର ଅଗ୍ରଗତି ଉପରେ କଡ଼ା ନଜର ରଖିବାକୁ ଏବଂ ରଥ ଯାତ୍ରା ପୂର୍ବରୁ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ତୀର୍ଥଯାତ୍ରୀମାନଙ୍କ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତାୟାତକୁ ସୁଗମ କରିବା ପାଇଁ ସମସ୍ତ କାର୍ଯ୍ୟକୁ ଯାତ୍ରୀ-କେନ୍ଦ୍ରିକ ଆଭିମୁଖ୍ୟ ସହିତ କରାଯିବା ଉଚିତ ।

## ବାଲେଶ୍ୱର ଜିଲ୍ଲା ପ୍ରଶାସନ ପାଳନ କଲା ଆମ୍ବେଦକରଙ୍କ ଜୟନ୍ତୀ

ବାଲେଶ୍ୱର, (ନି.ପ୍ର.): ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଏବଂ ଓଡ଼ିଆ ପକ୍ଷର ଶେଷ ଦିନ ଅବସରରେ ଓଡ଼ିଆ ନବ ବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଛି । ସକାଳ ୮.୦୦ ଘଟିକା ସମୟରେ ସ୍ଥାନୀୟ ପୋଲିସ ଲାଇନ ଛକ ଠାରେ ଥିବା ଡଃ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତୀରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ମାଲ୍ୟାର୍ପଣ କରିଥିଲେ ।






ସକାଳ ଘ ୮.୧୫ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଅନେକ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏଠାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟ କ୍ରମ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ଘ.୧୦.୩୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ସଦର ଶ୍ରୀଯୁକ୍ତ ମାନସ କୁମାର ଦତ ଯୋଗଦେଇଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ସଭାରେ ଅଧକ୍ଷତା କରିଥିଲେ । ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ମଂଚାସୀନ ଥିଲେ । ବାଲେଶ୍ୱର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବୁଢ଼ାନ ହେମ୍ବ୍ରମ ମଂଚ ପରିଚାଳନା କରିଥିଲେ । ସର୍ବପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଭାରତରତ୍ନ ବାବାସାହେବ ଡଃ ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକୁ ଆରମ୍ଭ କରାଯାଇଥିଲା । ପରେ ସଭାରେ ଉପସ୍ଥିତ ଥିବା ସମସ୍ତ ବୁଦ୍ଧିଜୀବୀ ଗଣ ରାଜ୍ୟ ସଙ୍ଗୀତ ଓ ରାଷ୍ଟ୍ର ଗୀତକୁ ସମ୍ମାନ ଜଣାଇଥିଲେ । ଅତିଥି ମାନେ ଡଃ ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଦର୍ଶନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଡଃ ଆମ୍ବେଦକରଙ୍କ ବାଲ୍ୟ କାଳ ଠାରୁ ଭାରତର ସମ୍ବିଧାନ ରଚନା କରିବା ପର୍ଯ୍ୟନ୍ତ କେଉଁ ଭଳି ଭାବେ ସଂଘର୍ଷ କରିଥିଲେ, ତାହା ସମ୍ବନ୍ଧରେ ଅତିଥି ମାନେ ଆଲୋକପାତ କରିଥିଲେ । ସମାଜରେ ଅବହେଳିତ, ନିଷ୍ପେସିତ, ନିର୍ଯାତିତ ବ୍ୟକ୍ତି ମାନଙ୍କର ମଙ୍ଗଳ ପାଇଁ ଡଃ ଆମ୍ବେଦକର ଦେବ ଦୂତ ସାଜିଥିଲେ । ଉଭୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ଝୋଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ/ଅଧିକାରିଣୀ ଓ କର୍ମଚାରୀ ମାନେ, ଆମ୍ବେଦକର ବିକାଶ ପରିଷଦର ସଦସ୍ୟ ଗଣ, ସମାଜ ସେବୀ ଗଣ, ସାମ୍ବାଦିକ ଗଣ, ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ, ବୁଦ୍ଧିଜୀବୀ ଗଣ, ଛାତ୍ର ଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ । ଅତିଥି ମାନଙ୍କ ସମେତ ସମସ୍ତେ ଓଡ଼ିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ଅବସରରେ ପିଠା ଓ ପଣାର ମଜା ନେଇଥିଲେ ।

## ବିକାଶ ପରିଷଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ.ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ

ବାଲେଶ୍ୱର,(ନି.ପ୍ର.): ମହାନ୍ ରାଷ୍ଟ୍ରନୀତିଜ୍ଞ, ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ମଙ୍ଗଳବାର ସକାଳେ ବାଲେଶ୍ୱର ସହରସ୍ଥିତ ପୋଲିସ୍ ଲାଇନ୍ ଛକଠାରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂ□ରେ ପୋଲିସ୍ ଲାଇନ୍ ଛକଠାରେ 'ଆମ୍ବେଦକର ବିକାଶ ପରିଷଦ' ପକ୍ଷରୁ ମାଲ୍ୟାର୍ପଣ ଓ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବାଲେଶ୍ୱର ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ସୂରଜ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଡି.ପି.ଆର.ଓ ବୁଧେନ୍ ମୁର୍ମୁ, ଇମରଜେନ୍ସି ଅଫିସର ସାଇକୃଷ୍ଣ ଜେନାଙ୍କ ସମେତ ଜିଲ୍ଲା ପ୍ରଶାସନ ବହୁ ଉଚ୍ଚାଧିକାରୀ ପ୍ରତିମୂ□ରେ ମାଲ୍ୟାର୍ପଣ କରି ସଭାରେ ବକ୍ତବ୍ୟ ଦେଇ କହିଥିଲେ କି ଡ. ଆମ୍ବେଦକରଙ୍କ ଅଧକ୍ଷତାରେ ପ୍ରଣୀତ ଆମ ଦେଶର ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ସମାନତା ଓ ବ୍ୟକ୍ତିସ□ାର ମର୍ଯ୍ୟାଦା ପ୍ରଦାନ କରୁଅଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ବହୁ ଗଣସଂଗଠନ, ସାମାଜିକ ସଂଗଠନ ଓ ରାଜନୈତିକ ଦଳର



କର୍ମକ□ା ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ କହିଥିଲେ - ଆମ ସମ୍ବିଧାନ ସମଗ୍ର ବିଶ୍ୱରେ ବିରଳ ଓ ବିସ୍ମୟ । ଏହି ସମ୍ବିଧାନ ଦେଶର ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ଅଧିକାର ଆଜିସୁଦ୍ଧା ମଧ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ଜାତି, ଧର୍ମ, ବର୍ଣ୍ଣ ଆଳରେ ସମ୍ବିଧାନ ପ୍ରଦ□ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ତେଣୁ ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ଓ ଗଣସଂଗ୍ରାମର ଆବଶ୍ୟକତା ରହିଛି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତାମତ ଦେଇଥିଲେ ।

ଏହି ସମାରୋହରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକ କର୍ମୀ ଅରୁଣ ଜେନା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ବାର୍ ଏସୋସିଏସନ୍ ସଭାପତି ମନୋଜ ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ମହମ୍ମଦ ଇସଲାମ, ତୁଷାରକାନ୍ତି ମହାପାତ୍ର, କବି ଡ. କାଳିପଦ ପଣ୍ଡା ଓ ଅଭୟ ଦାସ, ଉର୍ମିଳା ମାଝୀ, ସ୍ନେହଲତା ଦାସ, ରାମଚନ୍ଦ୍ର ଦଣ୍ଡପାଟଙ୍କ ସମେତ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସାଧୁଚରଣ ମଲ୍ଲିକ, ଶ୍ୟାମସୁନ୍ଦର ଜେନା, ସଂଗ୍ରାମ ମାଝୀ, ଇଂ. ବସନ୍ତ ବେହେରା, ନିଶିଥ ବାରିକ, ସୀତାରାମ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡ. ଆମ୍ବେଦକରଙ୍କ ବିଚାର ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ ।ବିଜୁ ଜନତା ଦଳ ପକ୍ଷରୁ ପ୍ରତିମୂ□ରେ ମାଲ୍ୟାର୍ପଣ ପରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ସ୍ୱରୂପ କୁମାର ଦାସ, ବିଜେଡ଼ି ନେତା ରଞ୍ଜନ ବାଗ୍ ସଭାରେ ବକ୍ତବ୍ୟ ପ୍ରଦାନ କରି ଆମ୍ବେଦକରଙ୍କ ଦର୍ଶନ ଓ ବିଚାରର ସ୍ମୃତିଚାରଣ କରିଥିଲେ । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମଲ୍ଲିକ, ପ୍ରଫୁଲ୍ଲ ଜେନା, ଅରୁଣ ମଲିକ୍, ବିଜୟ ବହେରା, ମୃତ୍ୟୁଞ୍ଜୟ ଜେନା, ଗଗନ ପାତ୍ର, ମାନସ ସେଠୀ ପ୍ରମୁଖ ସଭାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପରିଶେଷରେ ମନୋଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଭାରତରତ୍ନ ବାବାସାହେବ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଜୟନ୍ତୀ ଉତ୍ସବରେ ଜିଲ୍ଲା ସଭାପତି ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ । ଭାରତୀୟ ସମ୍ବିଧାନର ପ୍ରଧାନ ସ୍ଥପତି ଆମ୍ବେଦକର ସାମାଜିକ ନ୍ୟାୟର ମୁଖ୍ୟ ପ୍ରବର୍ତକ ଥିଲେ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଥିଲେ । ଆମ୍ବେଦକରଙ୍କ ଜୀବନାଦର୍ଶ ଉପରେ ଜିଲ୍ଲା କଂଗ୍ରେସ ଉପସଭାପତି ଉର୍ମିଳା ମାଝୀ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା



ପଣ୍ଡା, ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନିଶିଥ ବାରିକ, ବରିଷ୍ଠ କୃଷକ ନେତା ଅରୁଣ ଜେନା, ନିରଞ୍ଜନ ବେହେରା, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଅଧକ୍ଷ ବିଧାନ ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ପଶୁପଟି ଉପାଧ୍ୟାୟ ଓ ସାହେବା ଅକତର ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଦେବଦତ ଦାସ, ଆଶିଷ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ସଭା ପୂର୍ବରୁ କଂଗ୍ରେସ ପକ୍ଷରୁ ପୁଲିସ ଲାଇନ୍ ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

## ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ନୂଆବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ

ବାଲେଶ୍ୱର, (ନି.ପ୍ର.): ଆଜି ପୂର୍ବାହ୍ନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଇଂ. ବନମାଳୀ ନାୟକ ସଭାପତିତ୍ୱ କରିଥିଲେ । ଦିବଂଗତ ପୃଷ୍ଠପୋଷକ ସଦସ୍ୟ ଭଗବାନ ରାଉତଙ୍କ ଅମର ଆତ୍ମାର ସଦଗତି କାମନାକରି ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ସଂଗଠନ ସମ୍ପାଦକ ପଣ୍ଡିତ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ ମ□ାସୀନ ଥାଇ ଏହି ଦିବସପାଳନର ତାତ୍ପର୍ଯ୍ୟ ଓ ଆବଶ୍ୟକତା ସମ୍ବନ୍ଧରେ



ଆଲୋଚନା କରିଥିଲେ । ବରିଷ୍ଠ ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ସଦସ୍ୟ ଗୋପାଳ ଚନ୍ଦ୍ର ଆଚାର୍ଯ୍ୟ, ରଘୁନାଥ ପଣ୍ଡା, ନରେଶ ଦାଶ, ତପନ ପଣ୍ଡା, ଗିରିଜା କୁମାର ଦାସ, ବୀରେନ୍ଦ୍ର ପ୍ରହରାଜ, ପ୍ରତିମା ପଣ୍ଡା ପ୍ରମୁଖ ଅବକ୍ଷୟମୁଖୀ ଓଡ଼ିଆ ସଂସ୍କୃତି, ପରମ୍ପରା ସମ୍ପର୍କରେ ଆଲୋକପାତ କରି ଏହାର ନିରାକରଣ ନିମନ୍ତେ ସମସ୍ତେ ନିଜ ନିଜ ସ୍ତରରେ ସଚେତନ ରହି ଯୁବପିଢ଼ି ମଧ୍ୟରେ ଏହି ଚିନ୍ତାଧାରା ଉଦ୍ରେକ କରିବା ନିମନ୍ତେ ଯତ୍ନଶୀଳ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ବକ୍ତାମାନେ ତାଙ୍କର ଅବଦାନ ସମ୍ପର୍କରେ ଉଲ୍ଲେଖ କରିବା ସହିତ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଜଣାଇଥିଲେ ।ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସିଂହ ନୂଆବର୍ଷ ଉପଲକ୍ଷେ ଏକ ଭଜନ ପରିବେଷଣ କରିଥିଲେ । ହରେକୃଷ୍ଣ ପଲେଇ, ବସନ୍ତ ନାୟକ, ନିତ୍ୟାନନ୍ଦ ରାଉତ, ଶ୍ରୀରାମ ଦାଶ, ହଳଧର ନାୟକ, ସତ୍ୟନାରାୟଣ ନାୟକ, ସାବିତ୍ରୀ ଦାସ, ଶଚୀନ୍ଦ୍ର ଦାସ, ଡା. ତାରାକାନ୍ତ ନନ୍ଦ, ସଞ୍ଜୟ ପଣ୍ଡା, ଚି□ରଞ୍ଜନ ଜେନା, ଯୋଗେଶ ପ୍ରଧାନ, କୃଷ୍ଣ ମୋହନ ଜେନା, ରଘୁନାଥ ଦାସ, ସୁରେନ୍ଦ୍ର ଧଳ, ଶିବ ଶଙ୍କର ନନ୍ଦୀ, ଯଶୋଦା ନନ୍ଦନ ଆଶ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଭବେଶ ପଣ୍ଡା, ଶେଖ ଆଲ୍ଲାଉଦ୍ଦିନ୍, ଦିଲ୍ଲୀପ ଚକ୍ରବ□ୀ, ରମାକାନ୍ତ ମଲିକ, କ୍ଷେତ୍ରମୋହନ ନାୟକ, ଶଶାଙ୍କ ଦ□ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ସଦସ୍ୟମାନଙ୍କୁ ପଣା ଦିଆଯାଇଥିଲା । ସଂଘ ଓ 'ସହାୟକ' ଦ୍ୱାରା ମିଳିତ ଭାବେ ପରିଚାଳିତ ଜଳଦାନ କେନ୍ଦ୍ରରେ ମଧ ସର୍ବସାଧାରଣଙ୍କୁ ପଣା ବିତରଣ କରାଯାଇଥିଲା । କେଶବ ମହାନ୍ତି, କାମିନୀକାନ୍ତ ପାଢ଼ୀ ଓ ହେମନ୍ତ ଜେନା ବିତରଣରେ ସହଯୋଗ କରିଥିଲେ । ସାଧାରଣ ସମ୍ପାଦକ ଦାମୋଦର ନାୟକ ଶେଷ କଥା ରଖିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଡ.ବି. ଆର୍ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବାଲେଶ୍ୱର ବିଜେଡି

ବାଲେଶ୍ୱର(ନି.ପ୍ର.) ଡ.ବି.ଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଅବସରରେ ଆଜି ପୋଲିସ ଲାଇନ ଛକରେ ଥିବା ତାଙ୍କ ପ୍ରତିମୂର୍ତିରେ ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଓଡିଆ ନବବର୍ଷ ଏବଂ ପଣା ସଂକ୍ରାନ୍ତି ଉପଲକ୍ଷେ ସହରର ଷ୍ଟେସନ ଛକରେ ପଣା ଉତ୍ସବ ସହ ବେଲ ପଣା ବ[ନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବରିଷ୍ଠ ବିଜେଡି ନେତା ରଂଜନ ବାଗ,ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ,ଟାଉନ ବିଜେଡି ସଭାପତି ମନୋଜ ରାଉତ,ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, କାଉନସିଲର କବିତା ମୃମୁ,ମିରାଜ ବାନୋ,ସବିତା ରାଣୀ ଦାସ,ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ,ଶଶିରେଖା ମହାନ୍ତି, ସେକ ଆୟୁବ,କାର୍ତିକ ସାହୁ,ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର,ସାକିର ଖାନ,ରମେଶ ମାଝି,ସଞ୍ଜୟ ବେହେରା,ନଳିନୀକାନ୍ତ ଦାସ,ଦେବାଶିଷ ଦାଶ,ଉମାଶଙ୍କର ତିଆଡି,ଅତୁଲ ଶତପଥି,ସେକ ଅନସର,ରଂଜନ ଦାସ,କୌଶିକ ପଣ୍ଡା,ସୁନିଆ ମୃମୁ,ରାଜଲକ୍ଷ୍ମୀ ଚଟାର୍ଜୀ,ଯୁବ ନେତା ଜିତ୍ ପ୍ରକାଶ ଦାଶ,ଛାତ୍ର ନେତା ବିଭୁଦତ ପରିଡା,ହରେକୃଷ୍ଣ ପ୍ରଧାନ,ତପନ ଦାସ,ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ମହାବିଷୁବ ସଂକ୍ରାନ୍ତିର ମହତ୍ୱ ବସନ୍ତରା ଠେକିରେ ନିହିତ

ବାଲେଶ୍ୱର,(ନି.ପ୍ର.) ମହାବିଷୁ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରାର ଏକ ବଡ଼ପର୍ବ । ଆମ ରାଜ୍ୟ ତଥା ଜିଲ୍ଲାର ଏହାକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇଥାଏ । ଓଡ଼ିଆ ପଞ୍ଜିକା ଗଣନା ଅନୁସାରେ ଏହା ବର୍ଷର ପ୍ରଥମ ଦିନ । ତା'ଛଡ଼ା ପଣାସଂକ୍ରାନ୍ତି ଏବଂ ଜଳ ସଂକ୍ରାନ୍ତିକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମହାବିଷୁବ ସଂକ୍ରାନ୍ତିର ମହତ୍ୱ ବସନ୍ତରା ଠେକିର ନିହିତ । ପ୍ରତ୍ୟେକ ଘରେଘରେ ତୁଳସୀଚଉରା ନିକଟରେ ଠେକି, ବେଲ, ଆମ୍ବ, ସାଙ୍ଗକୁ ଛତୁ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇ ନୂତନ ବର୍ଷରେ ଭଗବାନଙ୍କୁ ଆରାଧନା କରାଯାଏ । ସେହିପରି ଆଜିର ପବିତ୍ର ଦିବସରେ ପହିଲା ବୈଶାଖୀ କାର୍ଯ୍ୟକ୍ରମକୁ ନେଇ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ପୂଜାର୍ଚ୍ଚନା କରିବା ସହ ପ୍ରତ୍ୟୁଷରୁ ଆମ୍ବଡାଳ, କଦଳୀଗଛ ଏବଂ ଦୋକାନର ବ୍ୟବସାୟ ଅଭିବୃଦ୍ଧି ପାଇଁ ପୂଜାର୍ଚ୍ଚନା କରିଥିଲେ । ସେହିପରି ଆଜିର ପବିତ୍ର ଦିବସରେ ଗାଁର



ଯୁବତୀମାନେ କୋଇଲି ପୂଜା ଆମ୍ବଗଛ ମୂଳରେ ହେଉଥିବା ଖବର ମିଳିଛି । ତା'ଛଡ଼ା ଗ୍ରାମାଂଚଳରେ ଭୂମିପୂଜା ଠାରୁ ଆରମ୍ଭ କରି ଗୋମାତା ପୂଜା, ଆମ୍ବଗଛ ପୂଜା ଇତ୍ୟାଦି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । ତା'ଛଡ଼ା ପହିଲା ବୈଶାଖି ଅବସରରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନର ବ୍ୟବସାୟିମାନେ ନିଜର ଦୋକାନ ପୂଜାର୍ଚ୍ଚନା କରିବା ସଂଗେ ସଂଗେ ବିଭିନ୍ନ ଅଂଚଳରେ ବେଲପଣା ବଂଟନ କରାଯାଇଥିଲା ।

## ଜିଲ୍ଲାରେ ମହାବିଷୁବ ସଂକ୍ରାନ୍ତି-ହନୁମାନ ଜୟନ୍ତୀ ପାଳିତ

ବାଲେଶ୍ୱର,(ନି.ପ୍ର.) ୧୪ ତାରିଖ ବାଲେଶ୍ୱର ଜିଲ୍ଲା ସମେତ ସହରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି । ଶ୍ରଦ୍ଧାଳୁ ମାସ୍କ ପରିଧାନ କରି ପ୍ରତ୍ୟୁଷରୁ ପୂଜାର୍ଚ୍ଚନା, ହୋମଯଜ୍ଞ ଏବଂ ଉପବାସ ରଖି ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପ୍ରତ୍ୟୁଷରୁ ରାତ୍ର ୯ଟା ପର୍ଯ୍ୟନ୍ତ ସବୁ ଦେବାଦେବି ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏମିତିକି ବିଭିନ୍ନ ବିଭିନ୍ନ ଦେବାଦେବୀ ପୀଠସ୍ଥଳୀରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ତା'ଛଡ଼ା ହନୁମାନ ବାଟିକା ପାଠ ସାଙ୍ଗକୁ ରାମଚରିତ ମାନସ ନବାନ୍ନ ମଧ୍ୟ ପାଠ କରାଯାଇଥିଲା । ପ୍ରକାଶଯେ, ସହରର ସମେତ ସମଗ୍ର ଜିଲ୍ଲାରେ ଆଜି ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ ହୋଇଥିବା ଦେଖିବାକୁ ମିଳିଥିଲା । ସାମାଜିକ ଦୂରତ୍ୱ ରକ୍ଷାକୁ ଗୁରୁତ୍ୱ ଦେଇ କାଁଭାଁ ଭକ୍ତ ମନ୍ଦିରକୁ ପୂଜା କରିବାକୁ ଆସୁଥିଲେ ବି ମନ୍ଦିର କମିଟି ଓ ପୁଲିସ ପ୍ରଶାସନର ଅଙ୍କୁଶ ଯୋଗୁଁ ଦୂରକୁ ଦେବ ଦର୍ଶନ କରି ଫେରିଯାଉଥିଲେ । ଦୀର୍ଘବର୍ଷ ଧରି ବାଲେଶ୍ୱରର ବିଭିନ୍ନ ସ୍ଥାନରେ ହୋଇ ଆସୁଥିବା ଉଡ଼ାପର୍ବ ମଧ୍ୟ କରୋନା ପାଇଁ ବନ୍ଦ ରହିଛି । ଏମିତିକି ହନୁମାନ ଜୟନ୍ତୀର ସମସ୍ତ କର୍ମକାଣ୍ଡ କେବଳ ମନ୍ଦିର ପୂଜକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ଲକ୍ଷ୍ୟ କରାଯାଇଛି । ଅନ୍ୟଦିନ ଭଳି ଆଜି ମଧ୍ୟ ସହର ସମ୍ପୂର୍ଣ୍ଣ ଫାଙ୍କା ଭଳି ଦୃଶ୍ୟ ହୋଇଥିଲା । ତେବେ ପୁଲିସ କର୍ମଚାରୀ, ଅଫିସରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ନିଜର କ□ବ୍ୟ କରିଚାଲିଥିଲେ । ଅନ୍ୟପକ୍ଷରେ କରୋନା ପ୍ରତିହତ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ଜାରି ସମସ୍ତ କାର୍ଯ୍ୟ ପୂର୍ବବତ୍ ଚାଲିଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟଯେ ବାଲେଶ୍ୱର ସହରର ମୋତିଗଂଜ ମାରୁୱାଡ଼ିମନ୍ଦିର, ମଲ୍ଲିକାଶପୁର ମହାବୀର ମନ୍ଦିର ଓ ଫାଣ୍ଡିଛକ ତରୁଣସମିତି ତଥା ବିଭିନ୍ନ ହନୁମାନ ମନ୍ଦିରରେ ଉତ୍ସବ ନିରାଡ଼ମ୍ବରଭାବେ ପାଳିତ ହେବା ସହ ଫାଣ୍ଡିଛକ ଠାରେ ପ୍ରଦୀପ ଦାସଙ୍କ ନେତୃତ୍ୱରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଲଡ୍ଡୁ ବିତରଣ କରାଯାଇଥିଲା । ଏମିତିକି ସନ୍ଧ୍ୟାରେ କେବଳ ନଡ଼ିଆ କାର୍ଯ୍ୟରତ ପୋଲିସଙ୍କୁ ବିତରଣ କରାଯାଇଥିଲା । ସେହିପରି ଗୋପାଳଗାଁ ସ୍ଥିତ ମା' ପଞ୍ଚିମାଣି ମନ୍ଦିରରେ ମହା ବିଷୁବ ସଂକ୍ରାନ୍ତି ବିଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି । ଏହାଛଡ଼ା ସୁଏଲପୁର ବାଟମଙ୍ଗଳା ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଥିବାର ଖବର ମିଳିଛି ।







# ରାମେଶ୍ୱର ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି

ଖୋର୍ଦ୍ଧା(ନିପ୍ର): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଉପଖଣ୍ଡ ପୁଲିସ ଅଧିକାରୀ, ବାଲୁଗାଁ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବି ଡି ଓ, ଟାଙ୍ଗୀ ରୁମାନା ଜାଫ୍ରି, ତହସିଲଦାର, ଟାଙ୍ଗୀ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୦୯ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୯ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାଟମେଂଟ ଅଧିକାରୀ ଓ ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ସୁବର୍ଣ୍ଣ ରେଖା ବନ୍ଦର କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ ଛକ ଶୁଭମ କଲ୍ୟାଣ ମଣ୍ଡପରେ ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରାକ୍ତନ ଏ ଡି ଏମ ବାଳେଲ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାର ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ମୁଖ୍ୟ ବକ୍ତା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ




ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ବାଘା ଯତୀନ ସ୍ମୃତି ସେବା ପରିଷଦ ମୁଖ୍ୟ କ୍ଷିତୀଶ ଜେନା, ସାମାଜିକକର୍ମୀ ସୁଶାନ୍ତ କୁମାର ରଣା, ବିଜୟ କୁମାର ପାତ୍ର, କବୟିତ୍ରୀ ସବିତା ଦାସ, ବିଶ୍ୱହିନ୍ଦୁ ପରିଷଦ ସମ୍ପାଦକ ଶ୍ରୀହରି ମଣ୍ଡଳ, ପ୍ରାକ୍ତନ ବିଦ୍ୟାଳୟ ପରିଦର୍ଶକ କୁମୁଦ ରଞ୍ଜନ ଗିରି ପ୍ରମୁଖ ଯୋଗ ଦେଇ ଡ଼ ଆମ୍ବେଦକରଙ୍କ ଭାରତ ପାଇଁ ଅବଦାନ ସମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡି ଏସ ଟିଭି ପରିଚାଳକ ସଦାଶିବ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପର ଅପରାହ୍ନରେ ସୁବର୍ଣ୍ଣରେଖାର ପ୍ରେସ କ୍ଲବର ପ୍ରତିଷ୍ଠାତା ଡ. ସୁକାନ୍ତ କୁମାର ଗିରିଙ୍କ ନେତୃତ୍ୱରେ ପ୍ରେସ କ୍ଲବ ପକ୍ଷରୁ ପ୍ରେସ କ୍ଲବ ସମ୍ମୁଖରେ, ଏବଂ ଆମ୍ବେଦକର କଲ୍ୟାଣ ସମିତିର ସମ୍ପାଦକ ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନେତୃତ୍ୱରେ ଶ୍ରୀଦୁର୍ଗା କଲ୍ୟଣ ମଣ୍ଡପରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ।

# ବସ୍ ମାଲିକ ଓ ମୋଟର କର୍ମଚାରୀ ସଙ୍ଘ ଆନୁକୂଲ୍ୟରେ ପଣା ସର୍ବତ ବିତରଣ

ଉଦଳା(ନିପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଉଦଳା ଘରୋଇ ବସ୍ ମାଲିକ ସଙ୍ଘ ଓ ଉଦଳା ମୋଟର କର୍ମଚାରୀ ସଙ୍ଘର ମିଳିତ ସହଯୋଗରେ ଉଦଳା ବସ୍ ଷ୍ଟାଣ୍ଡରେ ପାରମ୍ପରିକ ଓଡ଼ିଆ ନବ ବର୍ଷ ତଥା ହନୁମାନ ଜୟନ୍ତି ପାଳନ କରାଯାଇଛି । ଏହି ପରିପ୍ରେକ୍ଷିରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ବିଭିନ୍ନ ପ୍ରକାର ପଣା ସର୍ବତ ର ବ୍ୟବସ୍ଥା କରାଯାଇଥିଲା । ତେବେ ଏହି ବ୍ୟବସ୍ଥାକୁ କପ୍ତିପଦା ଉପଖଣ୍ଡ, ଉଦଳା ର ପୋଲିସ ଅଧିକ୍ଷକ ହୃଷିକେଶ ନାୟକ ଫିତା କାଟି ଉଦଘାଟନ କରିଥିଲେ । ଏହି ପଣା ସର୍ବତକୁ ଘରୋଇ ବସ୍ ମାଲିକ, ମୋଟର କର୍ମଚାରୀ ସଂଘର ର କର୍ମକର୍ତା, ବସ୍ ଯାତ୍ରୀ, ପଥ ଚାରି ଅନ୍ୟୁନ ତିନି ହଜାରରୁ ଉର୍ଦ୍ଧଙ୍କ ମଧ୍ୟରେ ବିତରଣ କରା ଯାଇଥିଲା । ଓଡ଼ିଆ ମାନଙ୍କ ନବ ବର୍ଷ ଏକ ଗର୍ବ ଗୌରବ କଥା । ତାର ଅସ୍ମିତା କୁ ବଜାଇ ରଖିବାର ଯେଉଁ ପରମ୍ପରା ରହିଛି ତାକୁ ବଜାଇ ରଖିବା ନେଇ ଘରୋଇ ବସ୍ ମାଲିକ ସଙ୍ଘ ଓ ମୋଟର କର୍ମଚାରୀ ସଙ୍ଘ ପ୍ରତିବର୍ଷ ପଣା ସର୍ବତ ବିତରଣ ଆସୁଛନ୍ତି ତାହା ଅନ୍ୟ ମାନଙ୍କ ଲାଗି ଏକ ପ୍ରେରଣା । ଏଥିଲାଗି ସବୁ ମହଲ ରେ ପ୍ରଶଂସା ମିଳୁଥିବାର ସୂଚନା ମିଳୁଛି । ଏହି କାର୍ଯ୍ୟକ୍ରମ କୁ ସଫଳ ଲକ୍ଷ କରିବାରେ ଘରୋଇ ବସ୍ ମାଲିକ ସଙ୍ଘ ର ସଭାପତି ରମେଶ କୁମାର ବେହେରା, ସମ୍ପାଦକ ସଞ୍ଜୟ କୁମାର ବାରିକ, କମଳାକାନ୍ତ ରଣ । ପିନୁ ବାବୁ ଓ ସତ୍ୟ ବାବୁ କର୍ମଚାରୀ ସଂଘ ର ହରିଶ ଚନ୍ଦ୍ର ଦାସ, ମନୁ ବାବୁ ଅଜୟ କୁମାର ପାତ୍ର, କଟିଆ ବାବୁ, ପୂର୍ଣ୍ଣ ଭାଇ, ଧନେଶ୍ୱର ଓ ସୁରେଶ୍ୱର ଜେନା ଓ ଦୁଇ ସଂଘ ର କର୍ମଚାରୀ ମାନେ ସହଯୋଗ କରିଥିଲେ । ପରିଶେଷରେ ବସ୍ ମାଲିକ ସଂଘର ସମ୍ପାଦକ ବାରିକ ଉପସ୍ଥିତ କର୍ମଚାରୀ ମାନଙ୍କୁ ଉତରୀୟ ପ୍ରଦାନ କରିଥିବା ବେଳେ ବସ୍ ମାଲିକ କୁନା ବାବୁ ଦହି ପଖାଳ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଦିନ ୧୦ ଟା ରୁ ଆରମ୍ଭ ହୋଇ ଦିନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମସର୍ବ ସାଧାରଣ ରେ ଭଲ ହୋଇଛି ବୋଲି ଆଲୋଚନା ହେଉଛି ।

# ନେସ୍କୋ ଶକ୍ତି କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ, ପଶ୍ଚିମବାର୍ଡ ଠାରେ ସେକ୍ସନ -୨ ଆନୁକୂଲ୍ୟରେ ନେସ୍କୋ କର୍ମଚାରୀ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶନିବାର ଆୟୋଜିତ ସଭାରେ ସଂଘର ସାଧାରଣ ସହ ସମ୍ପାଦକ ପ୍ରଦୀପ କୁମାର ଜେନା ସଭାପତିତ୍ୱ କରି ନେସ୍କୋ ର ଶ୍ରମୀକ ମାରଣ ନୀତିକୁ ତିବ୍ର ସମାଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଭୋଗରାଇ ଉପଖଣ୍ଡ ସଂଯୋଜକ ସୁକୁମାର ଦେ, ଜଳେଶ୍ୱର ଉପଖଣ୍ଡ ସଂଯୋଜକ ଚିତ ସାମିଲ୍, ଜଳେଶ୍ୱର ସଂଯୋଜକ ଚ଼ନ୍ଦନ ଭୂୟାଁ, କୋଷାଧକ୍ଷ ରାଜ କିଶୋର ରାଉତ, ଦିନେଶ ମହାନ୍ତି, ଚ଼ନ୍ଦନ ବେହେରା, ଅଶୋକ ଜେନା, ପଦ୍ମ ଲୋଚନ ବେହେରା, ରାଜୀବ କୁମାର ପାତ୍ର, ତନ୍ମୟ ବେହେରା, ଉତମ କୁମାର ନାଥ, ଗୌରାଙ୍ଗ ଦାସ, ମଧୁସୁଦନ ଦାସ, ଆଶିଷ ଗିରି, ନିର୍ମଳ ଦତ, ବିଶ୍ୱଜିତ ସାମଲ ପ୍ରମୁଖ ଯୋଗଦେଇ ଶ୍ରମିକ ଛଟେଇ, ସ୍ଥାୟୀ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା, ଅସ୍ଥାୟୀ କର୍ମଚାରୀଙ୍କ ଦରମା ବୃଦ୍ଧି, ମାସିକ ପେଟ୍ରୋଲ ଖର୍ଚ୍ଚ ବୃଦ୍ଧି, କାର୍ଯ୍ୟ ସମୟ ସୀମା ଧାର୍ଯ୍ୟ, ଭବିଷ୍ୟତ ନୀଧି ପାଣ୍ଠିର ଅନିୟମିତତା,ଉଡାନ ପ୍ରଶିକ୍ଷଣ ରେ ତୁରନ୍ତ ପରୀକ୍ଷା ଲାଗି ଦାବି କରିଥିଲେ । ଏହି ସବୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଜଳେଶ୍ୱର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ଲାଗି ନିଷ୍ପତି ହୋଇଛି । ଉକ୍ତ ନ୍ୟାର୍ଯ୍ୟ ଦାବି ଗୁଡିକୁ ଟିପିଏନଓଡିଏଲ କର୍ତୃପକ୍ଷ ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ସଂଘ ଚେତାବନୀ ଦେଇଛି । ଶେଷରେ ସଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଖଇରା(ନିପ୍ର): ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଖଇରା ଶିକ୍ଷକଭବନ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏସପିଙ୍କ ଅନୁପସ୍ଥିରେ ମୋଟ ୧୦୮ ଦାଖଲ କରିଥିବା ଅଭିଯୋଗର ଶୁଣାଣି କରାଯାଇ ଥିଲା । ଔପଦା ବ୍ଲକର ଫତେପୁର ଠାରୁ ହରିହରପୁର ଶାସନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାନଗଲେ ଗ୍ରାମବାସୀ ମାନେ ଭୋଟ ବର୍ଜନ କରିବାକୁ ଲିଖିତ ଭାବେ ଅବଗତ କରାଇଥିଲେ । ଖଇରା ବରିଷ୍ଠ ନାଗରିକ ମଂଚର ସଦସ୍ୟ ମାନଙ୍କୁ ପରିଚୟ ପତ୍ର ମିଳୁନଥିବା ନେଇ ମଂଚର କାର୍ଯ୍ୟକର୍ତା ମାନେ ଜିଲାପାଳଙ୍କ ହସ୍ତକ୍ଷେପ ଦାବି କରିଥିଲେ । ସେହିଭଳି କୁପାରୀ, ବର୍ତନା, କୋଚିଆକୋଇଲି ରାଜସ୍ୱ କ୍ଷେତ୍ର ଅଧିନସ୍ଥ ସରକାରୀ ଜମିରେ ପ୍ରଚୁର ପରିମାଣର ମାଙ୍କଡା ଓ ମୋରମ ଗଛିତ ଥିବା ବେଳେ ଏହାକୁ ସରକାରୀ ସ୍ତରରେ ନିଲାମ କରାଯାଉ ନ ଥିବାରୁ ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ କେଉଥିବା ଏବଂ ୧୯୭୧ ମସିହାରୁ କୁପାରୀ ରାଜସ୍ୱ କ୍ଷେତ୍ରରେ ପଟ୍ଟା ପାଇଥିବା ଭୁମିହୀନ ମାନଙ୍କୁ ଜମି ଚିହ୍ନଟ ଦିଆଯାଉ ନ ଥିବାରୁ ଜମି ମାଫିଆ ଓ ପଟ୍ଟାଧାରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଥିବା ନେଇ ୩ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଅଭିଯୋଗ କରିଥିଲେ । ରେସନ କାର୍ଡରେ ନାମ ଯୋଡା ଯାଉନଥିବା ନେଇ ବହୁ ରେସନକାର୍ଡଧାରୀ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଉକ୍ତ ଶୁଣାଣି ଶିବିରରେ ଏଡିଏମ ହେମନ୍ତ କୁମାର ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଏପିଡି ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଚିକିତ୍ସାଧିକାରୀ ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ନାରାୟଣ ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଆଇଆଇସି ଜନ ପଟ୍ଟନାୟକ, ବିଏସଏସଓ ସରୋଜ କୁମାର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦ୍ରୁପଦ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ମହା ସମାରୋହରେ ବ୍ଲକସ୍ତରୀୟ ଓଡ଼ିଆ ନବ ବର୍ଷ ପାଳିତ

ଖୁଂଟା(ନିପ୍ର): ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା, ପଂଚାୟତରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ବ୍ଲକସ୍ତରିୟ ଓଡ଼ିଆ ନବ ବର୍ଷ ପାଳନ । ଖୁଂଟା ବ୍ଲକ ସମ୍ମିଳନୀ କକ୍ଷରେ ଆଦ୍ୟ ତା୧୪.୦୪.୨୬ ରିଖ ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଏବଂ ଓଡ଼ିଆ ପକ୍ଷର ଉଦଯାପନ ସମାରୋହ ଅନୁଷ୍ଠିତ । ସମାଜ ମଙ୍ଗଳ ଅଧିକାରୀ ସୁଶିଲ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ, ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୁଧନ୍ୟା ନାଏକ, ସମ୍ମାନୀତ ଅତିଥି ଭାବେ ବିଡିଓ ସତ୍ୟଜିତ ରାଉତ, ଉପାଧକ୍ଷା ଜବା କିସ୍କୁ, ଆସିଷ୍ଟାଂଟ ଇଂଜିନିୟର ବିନୟ ଜ୍ୟୋତି ଲେଙ୍କା, ଅତିରିକ୍ତ ଶିକ୍ଷାଧିକରୀ ଅଞ୍ଜଳି ମହାନ୍ତ,



ବାହାନଡ଼ା ସରପଂଚ ସାବିତ୍ରୀ ଟୁଡୁ ବାସିପିଠା ସରପଂଚ ଜୟପାଲ ମାରାଣ୍ଡି, ଲକ୍ଷ୍ମଣାସାହି ସମିତି ସଭ୍ୟ ସୁନିଲ କୁମାର ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଅତିଥି ମାନଙ୍କୁ ନାମ ସଂକୀର୍ତନ ପରିବେଷଣ ମାଧ୍ୟମରେ ସ୍ୱାଗତ କରିବା ସହ, ମଂଚାରେ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା । ପ୍ରଥମେ ସାମୁହିକ ବନ୍ଦେ ଉତ୍କଳଜନନୀ ଜାତୀୟ ସଙ୍ଗୀତ ଗାନ ପରେ ଅତିଥି ମାନଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦ୍ଵିପ ପ୍ରଜ୍ଜ୍ୱଳନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ନାଏକ ବ୍ଲକସ୍ତରରେ ଓଡ଼ିଆ ପକ୍ଷ ପାଳନ ବ୍ୟବସ୍ଥାକୁ ଏବଂ ଉପସ୍ଥିତ ସମସ୍ତ ମହିଳା ମାନଙ୍କ କଳା କୌଶଳକୁ ଖୁବ ପ୍ରଶଂସା କରିଥିଲେ । ବିଡ଼ିଓ ଶ୍ରୀ ରାଉତ ଓଡ଼ିଆ ପକ୍ଷ ଆରମ୍ଭରୁ ଉଦଯାପନ ସମାରୋହ ପର୍ଯ୍ୟନ୍ତ, ଖୁଂଟା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଓଡିଆ ନବ ବର୍ଷ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପି ଆର ଆଇ ମେମ୍ବର ଶ୍ରୀ ଟୁଡୁ ଓଡିଶାର ସମସ୍ତ ପାରମ୍ପାରିକ ଭାଷା ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡିଶା ର ଲୁକ୍କାୟିତ ଭାବେ ଥିବା ସମସ୍ତ ପ୍ରକାର ଲୋକକଳାର ବିକାଶ କରିବା ଦିଗରେ ସମସ୍ତ ବକ୍ତା ଗୁରୁତ୍ୱାରୋପ କରିଛନ୍ତି ।ଏହି ଅବସରରେ ମିଶନଶକ୍ତିର ମାଆ ମାନଙ୍କ ଦ୍ୱାରା ଝୋଟି, ଚିତା ମୁରୁଜ ଏବଂ ପିଠା ପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚିକିତ୍ସକ, ବିଭାଗୀୟ ଅଧିକାରୀ ଏବଂ ଆଇ ସି ଡ଼ି ଏସ ଅଧିକାରି ମାନଙ୍କ ଦ୍ୱାରା ପ୍ରସ୍ତୁତ ଝୋଟି ଚିତା ଓ ମୁରୁଜ ସମସ୍ତ ପିଠା ପଣା ବୁଲି ବୁଲି ନିରୀକ୍ଷଣ କରାଯାଇ ସିଲେକ୍ସନ୍ କରାଯାଇଥିଲା ।ସମସ୍ତ ସମସ୍ତ ପ୍ରକାର ପ୍ରତିଯୋଗିତାରେ ପ୍ରଥମ, ଦିଦ୍ୱିୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଡ଼ଃ.ବି ଆର. ଆମ୍ବେଦକର ଜୟନ୍ତୀ ସମନ୍ୱିତ ଭାବେ ପାଳିତ

ଖୋର୍ଦ୍ଧା(ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଜିଲ୍ଲା ସ୍ତରୀୟ ଡ଼ଃ. ବି ଆର . ଆମ୍ବେଦକର ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍ଘାଟନ କରିବା ସହ ଡ଼ଃ.ବି ଆର. ଆମ୍ବେଦକରଙ୍କ ଫଟ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନିଜ ଉଦବୋଧନରେ ଓଡ଼ିଆ ନବବର୍ଷ ପାଳନ ରାଜ୍ୟ ସରକାରଙ୍କ ଏକ ମହତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିବା ସହ ଓଡ଼ିଆ ଅସ୍ମିତା ର ମୂଲ୍ୟକୁ ଆଗକୁ ନେବା, ଓଡ଼ିଆ ଐତିହ୍ୟ, ପରମ୍ପରା ଓ ସଂସ୍କୃତି କୁ ଉଜ୍ଜୀବିତ କରି ରଖିବାରେ ଓଡ଼ିଆ ନବବର୍ଷ ପାଳନ ଏକ ମହାନ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ । ଡ଼ଃ ବି ଆର ଆମ୍ବେଦକର ଜଣେ ଗଣତନ୍ତ୍ର ରାଷ୍ଟ୍ରରେ ଯୁଗସ୍ରଷ୍ଟା ଏବଂ ଭାରତ



ଭଳି ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରରେ ତାଙ୍କର ଯେଉଁ କାଳଜୟୀ ସାମ୍ବିଧାନିକ ବ୍ୟବସ୍ଥା ପ୍ରଣୟନ ତାହା ତାଙ୍କୁ ଚିର ସ୍ମରଣୀୟ କରି ରଖିବ ବୋଲି କହିଥିଲେ । ସେହିପରି ଆମ୍ବେଦକର ଙ୍କ ଚିନ୍ତନ ଅନ୍ୟ ପାଇଁ ବଂଚିବାର ସୁଯୋଗ ସୃଷ୍ଟି କରିବା, ଶିକ୍ଷାକୁ ସାର୍ବଜନିନ କରିବା ଆମ୍ବେଦକରଙ୍କ ଲକ୍ଷ୍ୟ ଥିଲା ବୋଲି ପ୍ରକାଶ କରିବାସହ ଆନ୍ତର୍ଜାତୀୟ ସ୍ତରରେ କଲମ୍ବିଆ ଓ ଲଣ୍ଡନରେ ଆମ୍ବେଦକରଙ୍କ ଅବଦାନ ସମ୍ବନ୍ଧରେ ଉଦବୋଧନ ଦେଇ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହା ସମାଜକୁ ଆଗକୁ ନେବାରେ ସହାୟକ ହେବବୋଲି ଯାହା ଆମ୍ବେଦକର ଚାହୁଁଥିଲେ, ତାହା ଆମେ ସମସ୍ତେ ପ୍ରଚେଷ୍ଟା କଲେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଅଭିଯାନ ସମ୍ଭବ ହେବା ସହ ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ଓଡ଼ିଆ ନବବର୍ଷ ପାଳନ ଓଡ଼ିଆ ସଂସ୍କୃତିର ମହାନ୍ ଝଲକ ଅଟେ ଯାହା ଓଡ଼ିଆ ମାନଙ୍କୁ ଗର୍ବିତ କରେ । ସେହିପରି ସମ୍ବିଧାନ ପ୍ରଣେତା ଆମ୍ବେଦକର କେବଳ ଜେ ଦଳିତ ମାନଙ୍କ ପାଇଁ ସଂଗ୍ରାମ କରୁଥିଲେ ତାହା ନୁହେଁ ବରଂ କୃଷିର ଉନ୍ନତି , ଅର୍ଥନୈତିକ ବିକାଶ ଦିଗରେ ଉଦ୍ୟମ କରିଥିଲେ ଯାହା ଗଣତନ୍ତ୍ର ବ୍ୟବସ୍ଥାକୁ ମଜବୁତ୍ କରିଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଯୋଗଦେଇ ସାମାଜିକ ଚେତନା ଜାଗ୍ରତ କରିବାରେ ଆମ୍ବେଦକରଙ୍କ ଭୂମିକା ଅତୁଳନୀୟ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇ ନବବର୍ଷ ପାଳନ ଉପଲକ୍ଷେ ପିଠାପଣାର ସମ୍ଭାର ଓଡ଼ିଆ ଅସ୍ମିତାର କିମ୍ବଦନ୍ତୀ ବୋଲି ପ୍ରକାଶ କରି ଖାଦ୍ୟର ବୈଜ୍ଞାନିକ ତତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗିତାଂଶୁ ମୋହନ ଦାଶ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଏବଂ ଡ଼ଃ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତେ ଆମ୍ବେଦକର ତ୍ୟାଗ ଆଦର୍ଶରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ କ୍ଷ ସେହିପରି ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ପାଣିଗ୍ରାହୀ ଓଡ଼ିଆ ନବବର୍ଷ ଓ ଡ଼ଃ. ବି ଆର୍ ଆମ୍ବେଦକରଙ୍କ ସମ୍ବନ୍ଧରେ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ । ଉଭୟ ଦିବସ ଉପଲକ୍ଷେ ଅତିଥି ମାନଙ୍କୁ ଉତରୀୟ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ସମସ୍ତ ବ୍ଲକ କୁ ନେଇ ମୁରୁଜ ତଥା ରଙ୍ଗୋଲି, ଝୋଟି ଓ ଚିତା ଏବଂ ପିଠାପଣା ପ୍ରତିଯୋଗିତାର କୃତୀ ମହିଳା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ସାର୍ଟିଫିକେଟ ଓ ଉତରୀୟ ଦେଇ ପୁରସ୍କୃତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ । ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା ଓ ପଣାର ଆୟୋଜନ କରାଯାଇଥିଲା କ୍ଷ ଦିବସରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଡେପୁଟୀ କଲେକ୍ଟର ନିବେଦିତା ପରିଡ଼ା, ସୌମ୍ୟା ସାଗରିକା ସ୍ୱାଇଁ, ନିଜାରତ ଅଧିକାରୀ ରିଷବ ତ୍ରିପାଠୀ, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ବରିଷ୍ଠ ନାଗରିକ ମଂଚ ସଭାପତି ରାମ ଶଙ୍କର, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସମସ୍ତ ସି ଡି ପି ଓ, ଅଙ୍ଗନୱାଡ଼ି କର୍ମୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# 'ଓଡିଆ ପକ୍ଷ' ପାଳନ ଉପଲକ୍ଷେ ରକ୍ତଦାନ ଶିବିର

ରାଇରଙ୍ଗପୁର(ନିପ୍ର): ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ଏବଂ ଯୁବ ରେଡକ୍ରସ (ୱାଇଆରସି) ର ମିଳିତ ଆନୁକୂଲ୍ୟରେ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । କଲେଜର ଅଧକ୍ଷ ରବିଶଙ୍କର ଶତପଥୀଙ୍କ ମାର୍ଗଦର୍ଶନ ଓ ଅଧ୍ୟାପକ ବିଜୟ କୁମାର ରାମଙ୍କ ସଂଯୋଜନା ଏବଂ ଡାକ୍ତର ସୁଦିବ୍ୟ ଲୋଚନ ସିଂହଙ୍କ ତତ୍ତ୍ୱାବଧାନରେ ୧୧ ଛାତ୍ରୀ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଲ୍ୟାବ ଟେକ୍ନିସିଆନ୍ ସୁମନ୍ତ ଗିରି, ଦେବବ୍ରତ ଗିରି, ଚିରଞ୍ଜିବୀ ମହାନ୍ତି ଏବଂ ବୁବଲୁ ମାହାଲି ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏନ୍ଏସ୍ଏସ୍ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଅନୀତା ସାମାଡ୍ ଓ ଯୁବ ରେଡକ୍ରସର ନୋଡାଲ ଅଧିକାରୀ ପ୍ରିୟତମା ହେମ୍ବ୍ରମଙ୍କ ମିଳିତ ପରିଚାଳନାରେ ଅଧ୍ୟାପିକା ବିଦ୍ୟାବତୀ ବେହେରା, ରେଣୁକା ମହାନ୍ତ ଓ ଶୁଭଦର୍ଶିନୀ ମିଶ୍ର, ଅଧ୍ୟାପକ ଦଶରଥ ଗୋରାଇ, ରାଜବିଶାଳ ପଟ୍ଟନାୟକଙ୍କ ସହିତ କର୍ମଚାରୀ ଶ୍ୟାମ ମଣ୍ଡଳ, ବବିତା ମହାନ୍ତ ତଥା ଏନ୍ଏସ୍ଏସ୍ ଏବଂ ୱାଇଆରସି ର ସ୍ୱେଚ୍ଛାସେବୀ ଛାତ୍ରୀ ମଂଜୁଲତା ବାନରା, ଅପରୂପା କାନୁନଗୋ, ସଲମା ଟୁଡୁ, ସରୋଜିନୀ ନାୟକ, ଜମୁନା କିସ୍କୁ, ଅମିତ ଗୋପାଳ, ରିମା ହାଁସଦାଃ, ମାୟା ଓ ସାଉନା ପ୍ରମୁଖ ସହଯୋଗ କରିଥିଲେ ।











ନିଜର ସୀମାରେଖା ବିଷୟରେ ଯିଏ ସଚେତନ, ସିଏ ନିଶ୍ଚୟ ନୀତିବାଦୀ ।

# ଆଜିକାଲି



*ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ*
*ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥*
*(ଶ୍ରୀମଦ୍ ଭଗବଦ୍ ଗୀତା)*
ଭାବାର୍ଥ :ରାଗ, ହିଂସା, କାମନାଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି

## ଜେଲଗୁଡ଼ିକରେ ସ୍ୱାସ୍ଥ୍ୟ ସମସ୍ୟା

ଭାରତୀୟ ଜେଲଗୁଡ଼ିକରେ କଏଦୀଙ୍କ ଭିଡ ବା ଗହଳି କାହାରିକୁ ବୋଧହୁଏ ଅଛପା ନାହିଁ । ଯାହାକି ଏକ ଗୁରୁତର ସଂକଟ ଭାବେ ଉଭା ହୋଇଛି । ଦେଶର ୧୩୩୨ଟି ଜେଲରେ ଏବେ ୫ ,୩୦, ୩୩୩ଜଣ କଏଦୀ ଅଛନ୍ତି । ଏହି ଜେଲଗୁଡ଼ିକରେ ୪,୩୯,୧୧୯ କଏଦୀ ରହିବା ପାଇଁ ବ୍ୟବସ୍ଥା ରହିଥିବାବେଳେ ପ୍ରାୟ ଏକଲକ୍ଷ ଅର୍ଥାତ ୨୦.୮ ପ୍ରତିଶତ ଅଛନ୍ତି । ଏହି କଏଦୀ ମଧ୍ୟରେ ୭୪ ପ୍ରତିଶତ ହେଉଛନ୍ତି ବିଚାରାଧୀନ । ସେହିପରି ଆମ ରାଜ୍ୟରେ ୮୬ଟି ଜେଲରେ ୧୮,୧୭୬ ଜଣ କଏଦୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪,୧୩୬ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବା ବେଳେ ୧୪,୦୪୦ ଜଣ ହେଉଛନ୍ତି ବିଚାରାଧୀନ । ରାଜ୍ୟରେ ଜେଲଗୁଡ଼ିକରେ ମୋଟ ୨୪,୮୮୯ ଜଣ କଏଦୀ ରହିବା ବ୍ୟବସ୍ଥା ଥିବାବେଳେ ଜେଲ ଅନ୍ତେବାସୀଙ୍କ ସଂଖ୍ୟା ଏହାଠାରୁ କମ ରହିଛି । କିନ୍ତୁ ରାଜ୍ୟରେ ଥିବା ସ୍ୱତନ୍ତ୍ର ଜେଲଗୁଡ଼ିକରେ କଏଦୀଙ୍କ ଭିଡ ନିଶ୍ଚିତ ଭାବେ ଉଦ୍‌ବେଗଜନକ । କହିବା ବାହୁଲ୍ୟ ଯେ, ଭାରତୀୟ ଜେଲଗୁଡ଼ିକରେ କଏଦୀଙ୍କ ଗହଳି ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିରେ ରହିଛି । ବୋଧହୁଏ ଏଇଥିପାଇଁ ଭାରତୀୟ ଜେଲଗୁଡ଼ିକ ବିଖ୍ୟାତ । ଜେଲଗୁଡ଼ିକରେ ଦୁର୍ବଳ ଭିତିଭୂମି ଏବଂ ସ୍ୱାସ୍ଥ୍ୟ ସାଧାରଣତଃ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ନହେବା ପର୍ଯ୍ୟନ୍ତ ସେମାନଙ୍କ ଅଣଦେଖା ମୁଖ୍ୟ କାରଣ ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ଜଣେ କଏଦି କେବେହେଲେ ସ୍ୱାସ୍ଥ୍ୟ ଅଧିକାର ହରାଏ ନାହିଁ । ଅଦାଲତ ଏହା ଉପରେ ବାରମ୍ବାର ଗୁରୁତ୍ୱ ଦେଇ ଆସିଛନ୍ତି । ତଥାପି ଏଥିପ୍ରତି ଜେଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନଥିବା କୁହାଯାଏ । ଜଳପାଇଗୁଡ଼ି କେନ୍ଦ୍ରୀୟ ସୁଧାର ଗୃହରେ ଗତ ୨୦୨୫ ଅଗଷ୍ଟ ୨୦ତାରିଖରୁ ୨୦୨୬ ମାର୍ଚ୍ଚ ୯ତାରିଖ ମଧ୍ୟରେ ୯୨ଜଣ ଅନ୍ତେବାସୀ ମାରତ୍ମକ ହରପିସ୍ ସିପ୍ଲେକ୍ସ୍ ଭାଇରସ (ଏଚଏସଭି) ରୋଗରେ ଆକ୍ରାନ୍ତ, ଯେଉଁ ରୋଗରେ ଆକ୍ରାନ୍ତର ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ଦେଖାଯାଇଥାଏ । ଏଥିରେ ଆକ୍ରାନ୍ତ ୭ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିଲା । ଏଚଏସଭି ଏକ ସାଧାରଣ ରୋଗ । କିନ୍ତୁ ସ୍ୱାସ୍ଥ୍ୟ ବିଶାରଦମାନେ କହନ୍ତି ଯେ, ଭିଡ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଦୁର୍ବଳ ସ୍ୱସ୍ଥ୍ୟସେବା ଯୋଗୁଁ ଏହି ରୋଗ ବ୍ୟାପିଥାଏ । ଶେଷରେ ଏହି ରୋଗ ମସ୍ତିଷ୍କ ପ୍ରବାହ ବା ଏନସେଫାଲାଇଟସ୍‌ରେ ରୂପନ୍ତରିତ ହୋଇଥାଏ । ଯାହାକି ଅତ୍ୟନ୍ତ ମାରାତ୍ମକ ରୋଗ ବୋଲି କୁହାଯାଏ । ସୁଧାର ଗୃହରେ ଅନ୍ତେବସୀଙ୍କ ସଂଖ୍ୟା ଭିଡ ଏହି ରୋଗ ଉତ୍ପତିର ମୁଖ୍ୟ କାରଣ ଥିବା କୁହାଯାଇଛି । ଭାରତୀୟ ଜେଲ ପରିସଂଖ୍ୟାନ ରିପୋର୍ଟ-୨୦୨୩ରେ କୁହାଯାଇଛି ଯେ, ପଶ୍ଚିମବଙ୍ଗରେ ସାଧାରଣତଃ ବହୁ ଜେଲରେ ଅନ୍ତେବାସୀଙ୍କ ସଂଖ୍ୟା ୧୬୦ ପ୍ରତିଶତରୁ ଅଧିକ ଥିବା ବେଳେ କାଣ୍ଡି ସବ୍ ଜେଲରେ ସମାର୍ଥ୍ୟ ଠାରୁ ୪୦୦ ପ୍ରତିଶତ କଏଦୀ ସଂଖ୍ୟା ପହଁଚିଥିଲା । ସେହିପରି କେରଳର ବହୁ ଜେଲରେ ସ୍ଥାନାଭାବ ଯୋଗୁଁ କଏଦୀମାନେ ଚର୍ମ ରୋଗରେ ସଂକ୍ରମିତ ହୋଇଥିଲେ । ବହୁ, ପ୍ରସାରିତ ସ୍ୱାସ୍ଥ୍ୟ ପତ୍ରିକା ଲାନ୍‌ସେଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ଜେଲଗୁଡ଼ିକରେ ସାଧାରଣ ଜନବହୁଳତା ତୁଳନାରେ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ଅଧିକ । ନାଗପୁର ଓ ଇନ୍ଦୋର କେନ୍ଦ୍ରୀୟ ଜେଲରେ ମହାମାରୀ କୋରୋନା ସଂକ୍ରମଣ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଥିଲା । ସେହିପରି ଇଣ୍ଡିଆ ଜଷ୍ଟିସ ରିପୋର୍ଟ-୨୦୨୫ ଅନୁଯାୟୀ ଭାରତୀୟ ଜେଲଗୁଡ଼ିକରେ ଅନ୍ତେବାସୀଙ୍କ ମଧ୍ୟରେ ଏଚଆଇଭିର ବ୍ୟାପକତା ଜାତୀୟ ହାରଠାରୁ ଅଧିକ । ଚିକିତ୍ସା ଉପକରଣରେ ଅଭାବ ଏବଂ ଉପକରଣଗୁଡ଼ିକର ମିଳିତ ବ୍ୟବହାର ଏଡସ୍ ବା ଏଚଆଇଭି ସଂକ୍ରମଣର ମୁଖ୍ୟ କାରଣ ବୋଲି ରିପୋର୍ଟରେ କୁହାଯାଇଛି । ଭାରତୀୟ ଜେଲ ଗୁଡ଼ିକରେ କଏଦୀମାନଙ୍କର ପ୍ରବଳ ଗହଳି କେବଳ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇ ନାହିଁ, ସେମାନଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି । ଜେଲରେ କଏଦୀ ସ୍ୱାସ୍ଥ୍ୟରକ୍ଷା ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ସତ୍ତ୍ୱେ ପ୍ରବଳ ଭିଡ ଲାଗି ରହିଛି । ବିଚାରାଧୀନ କଏଦୀମାନଙ୍କୁ ତୁରନ୍ତ ଜାମିନରେ ଖଲାସ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁତ୍ୱ ଆରୋପ କରି ଆସୁଛନ୍ତି । ଏହା ସତ୍ତ୍ୱେ ଜେଲ ଗୁଡ଼ିକରେ କଏଦୀଙ୍କ ସଂଖ୍ୟା ବଢିବା ନିଶ୍ଚିତ ଚିନ୍ତାଜନକ । ଫାଷ୍ଟଟ୍ରାକ କୋର୍ଟରେ ବିଚାରାଧୀନ କଏଦୀଙ୍କ ମାମଲାର ଶୁଣାଣୀ କରାଯାଇ ତୁରନ୍ତ ଜାମିନ ପ୍ରଦାନ କଲେ, ସଂଖ୍ୟା ବଢିବ ନାହିଁ । ସେହିପରି ସାମାନ୍ୟା ଅପରାଧରେ ଜଡିତ ବ୍ୟକ୍ତିକୁ ଜେଲ ପଠାଇ ଦିଆଗଲେ ଭିଡ ସୃଷ୍ଟି ହୋଇନପାରେ ।

## ମହାବିଷୁବ ସଂକ୍ରାନ୍ତିର ଆଧାତ୍ମିକ ଚେତନା

◆ ବିପିନ ବିହାରୀ ରାଉତ

ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ । ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ । ଜନଜୀବନରେ ଉଲ୍ଲାସ ଭରିଦିଏ । ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ । ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ମାତି ଯାଆନ୍ତି । ଖୁସୀ ମନାନ୍ତି । କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ । ତାର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ । ପର୍ବର ଅର୍ଥ ସନ୍ଧିକାଳ । ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ । ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ । ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ



ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ । ପ୍ରତ୍ୟେକ ଗ୍ରହ ଓ ରାଶି ସହିତ ସୂର୍ଯ୍ୟଙ୍କର ପ୍ରଭାବ ଓ ସମ୍ପର୍କ ଥିବାରୁ ପଂଚ ଦେବତା ଉପାସନା ମଧ୍ୟରେ ସୂର୍ଯ୍ୟଙ୍କର ଉପାସନା ଅନ୍ୟତମ । ଏହି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ବିଷୁବ ରେଖାରେ ରହୁଥିବାରୁ ଦିନରାତି ସମାନ ରହେ । ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହରହିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ । ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ । ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ବେଲପଣା ଭୋଗ କରାଯାଏ । ମହାବିଷୁବ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରାରେ ଏକ ବିଶିଷ୍ଟ ପର୍ବ । ଏହି ପର୍ବ ଆମର ସାମାଜିକ, ଆଧାତ୍ମିକ ଏବଂ ପାରିବାରିକ ଭିତିଭୂମିକୁ ସୁଦୃଢ଼ କରୁଥିବା ବିଶ୍ୱାସ କରାଯାଏ । ଓଡ଼ିଶା ସମେତ ଭାରତବର୍ଷର ଏକାଧିକ ଅଂଚଳରେ ଏହାକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ । ଯେଉଁ ଯେଉଁ ସଂପ୍ରଦାୟ ଏହାକୁ ପାଳନ କରନ୍ତି, ସେମାନେ ଏହାକୁ ବର୍ଷର ପ୍ରଥମ ଦିନ ଭାବେ ଗ୍ରହଣ କରିଛନ୍ତି । ଓଡ଼ିଶାରେ ଏହାକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି । ଏହା ହେଉଛି ଓଡ଼ିଆ ନବବର୍ଷର ପ୍ରଥମ ଦିନ । ଏହି ଦିନ ନୂଆ ପାଞ୍ଜି ଗ୍ରହଣ କରାଯାଏ । ଜ୍ୟୋତିର୍ବିଜ୍ଞାନ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଉତରାୟଣ ଗତି ଆରମ୍ଭ ହୁଏ । ସୂର୍ଯ୍ୟ, ବିଷୁବ ରେଖା ଉପରେ ଅବସ୍ଥାନ କରି କର୍କଟକ୍ରାନ୍ତି ଆଡ଼କୁ ଗମନ କରନ୍ତି । ପଞ୍ଜାବ ଏବଂ ହରିୟାଣାରେ ମଧ୍ୟ ଏହା ବର୍ଷର ପ୍ରଥମ ଦିନ । ସେମାନେ ଏହି ଦିନରେ ପାଳନ୍ତି ବୈଶାଖୀ । ଅହମୀୟଙ୍କ ପାଇଁ ଏହା ବୋହାଗ ବିହୂ ବା ହାଟ ବିହୂ ଏବଂ ବାଙ୍ଗଲା ଭାଷୀଙ୍କ ପାଇଁ ପଏଲା ବୈଶାଖୀ । ବିହାରୀ, ତାମିଲ ଓ କେରଳୀ ପରମ୍ପରାରେ ଏହା ଯଥାକ୍ରମେ ବୈଶାଖ ପୁଥାଣ୍ଡୁ ଓ ବିଷୁ । ମିୟାଁମାର, କାମ୍ବୋଡ଼ିଆ, ଲାଓସ, ନେପାଳ, ସିଂହଳ ଓ ଥାଇଲାଣ୍ଡରେ ମଧ୍ୟ ଏହା ପାଳିତ ହେଉଥିବା ଜଣାଯାଏ । ଏହି ଅବସରରେ ବିଭିନ୍ନ ସଂପ୍ରଦାୟ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା କରୁଥିବା ପ୍ରକାଶ । ଓଡ଼ିଶାରେ ଏହାକୁ ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି । ବିଷୁବରେ ବିହାରରେ ସୂର୍ଯ୍ୟପୂଜା, ପଶ୍ଚିମବଙ୍ଗରେ ମହାଲକ୍ଷ୍ମୀ ଓ ଶ୍ରୀଗଣେଶ, କେରଳରେ ଶ୍ରୀକୃଷ୍ଣ ଏବଂ ଆସାମରେ ଗୋପୂଜନ ହେଉଛି ପରମ୍ପରା । ପଞ୍ଜାବ ହରିୟାଣାରେ ଏହା କୃଷି ପର୍ବ । ନାନକଶାହୀ କ୍ୟାଲେଣ୍ଡର ଅନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୩ ତାରିଖରେ ବୈଶାଖୀ ପାଳନ କରାଯାଏ । ତେବେ ପ୍ରତି ୩୬ ବର୍ଷରେ ଥରେ ଏହି ପର୍ବ ଏପ୍ରିଲ ୧୪ ତାରିଖରେ ପଡ଼େ । ଏହି ଦିନରେ ଦଶମ ଶିଖ ଧର୍ମଗୁରୁ ଗୋବିନ୍ଦ ସିଂହଙ୍କ ଜନ୍ମ ଦିବସ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଖାଲସାର ପ୍ରତିଷ୍ଠା ଦିବସ ପାଳନ କରାଯାଏ । ୧୬୯୯ ମସିହାରେ ଏହି ଦିନରେ ଆନନ୍ଦପୁର ସାହିବରେ ସେ ଖାଲସା ପନ୍ତ ପ୍ରତିଷ୍ଠା କରିଥିଲେ । ବିଷୁବ ସଂକ୍ରାନ୍ତି ବୌଦ୍ଧଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ଦିନରେ ଗୌତମ ବୁଦ୍ଧଙ୍କୁ ନିର୍ବାଣପ୍ରାପ୍ତ ହୋଇଥିଲା । ୧୮୭୫ ମସିହା ଏହି ଦିନରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ । ଏହି ଦିନକୁ କେହି କେହି ପହିଲା ବୈଶାଖ ବା ବୈଶାଖର ପ୍ରଥମ ଦିନ ଭାବେ ଜାଣିଥାନ୍ତି । ଓଡ଼ିଆ ଜନ ଜୀବନରେ ଆଧାତ୍ମିକ ଦୃଷ୍ଟିକୋଣରୁ ମହାବିଷୁବ ସଂକ୍ରାନ୍ତି ଏକ ସ୍ମରଣୀୟ ଓ ପବିତ୍ର ଦିନ । ଏହି ମହାବିଷୁବ ବା ପଣା ସଂକ୍ରାନ୍ତିଦିନ ଠାରୁ ବୃକ୍ଷଜଗତ ଓ ଜୀବ ଜଗତକୁ ଜଳ ପ୍ରଦାନ କରାଯାଉ ଥିବାରୁ ଏହାକୁ କେହି କେହି ଜଳସଂକ୍ରାନ୍ତି ବୋଲି କହିଥାନ୍ତି । ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ଚେତନା ଆମର ସାମାଜିକ, ଆଧାତ୍ମିକ ପାରିବାରିକ ଅପୂର୍ବ ସମ୍ପର୍କର ଭିତିଭୂମିକୁ ସୁଦୃଢ଼ କରିଥାଏ ।

*ଶ୍ରୀବିହାର କଲୋନୀ,
କଟକ :
୯୪୩୭୬୬୬୪୫୩*

## ବୈଶାଖ ସଂକ୍ରାନ୍ତି

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



ପର୍ବ ପାଳନ ହିନ୍ଦୁଧର୍ମ ନିୟମରେ ମୁଖ୍ୟତଃ ଚାନ୍ଦ୍ରମାଣ ସୌରମାନ ବାର୍ହ୍ୟସ୍ୱତୀ ମାନରେ ପାଳନ କରାଯାଏ । ଏ ମଧ୍ୟରେ ସୌରମାନରେ ରବିଙ୍କ ରାଶି ସଂଚାର କାଳରେ ସଂକ୍ରାନ୍ତି ପର୍ବ ଗ୍ରହଣ କରାଯାଏ । ସଂକ୍ରାନ୍ତି ପର୍ବରେ ରାଶିଚକ୍ରର ରାଶି ମାନଙ୍କର ଧାର୍ଯ୍ୟ ଗୁଣାବଳୀ ଅନୁଯାୟୀ ଚରସ୍ଥିର ଦ୍ୱାତ୍ମିକ ଧାରାରେ ମୁଖ୍ୟତଃ ତିନି ପ୍ରକାର ସଂକ୍ରାନ୍ତି ଧରାଯାଏ । ରାଜାମାନେ ତାଙ୍କର ରାଜୁତି ତାଙ୍କର ଅଭିଷେକ ଦିନରୁ ଏକ ସ୍ମରଣୀୟ ଘଟଣା ରୂପେ ମନେ ରଖିବା ୩ ଜନ୍ମଦିନ ବା ଅନ୍ୟ ଶତୃରାଜାଙ୍କୁ ପରାଜି କରି ତାର ଅଧିକାର ହାନି କରି ନିଜର ଅଧିକାର ସାବ୍ୟସ୍ତ କରିବା ସମୟ ସ୍ମରଣୀୟ ଐତିହାସିକ ବର୍ଷ ରୂପେ ଆଗକୁ ପାଳନ ପାଇଁ ସଦା ଚେଷ୍ଟିତ ରହିଆସିଛନ୍ତି । ଆମ ରାଜ୍ୟରେ ସୁନିଆଁ ଏକ ପର୍ବ ଯାହା ଭାଦ୍ର ଶୁକ୍ଳ ୧୨ଶୀରେ ପଡ଼େ ଏ ଦିନ ଗଜପତି ମହାରାଜାଙ୍କ ରାଜୁତିର ଅଙ୍କ ବଦଳେ । ତେବେ ଗଜପତି ପରମ୍ପରାରେ ଶୂନ ସମ୍ବନ୍ଧ ଅଙ୍କ ଓ ୬ଅଙ୍କ ବାଦ ଦିଆଯାଏ । ସୁନିଆଁ ଚାନ୍ଦ୍ରମାନ ଭିତିକ ଠିକ ଏହିଦିନ ସାଲ ବଦଳେ । ସାଲ ଗଣନା ଚାନ୍ଦ୍ରମାନ ଭିତିକ । ଇସଲାମିକ ହିଜିରା ଚାନ୍ଦ୍ରମାନ ଭିତିକ ଏହା ଶୁକ୍ଳ ୨ୟାକୁ ୨ୟ ମାସକ ବାର ହୋଇ ମହରମ ମାସରୁ ବାର ମାସ କ୍ରମ ଗଣନା ହୁଏ । ଆମ ମାନଙ୍କର ଶିବରାତ୍ରୀ ଯାହା ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ପଡ଼େ ଠିକ୍ ସେହି ଦିନରୁ ଚୀନା ମାନଙ୍କର ବର୍ଷକ ବାର ହୋଇ ଅମାବାସ୍ୟା ଠାରୁ ନୂଆବର୍ଷ ଆରମ୍ଭ ହୁଏ । ରାଜା ଶାଳି ବାହାନ ଶକାବ୍ଦଃ ଗଣନା ସୌରମାନ ପଦ୍ଧତିରେ ଆରମ୍ଭ କରିଥିଲେ ତା ପୂର୍ବରୁ ରାଜା ବିକ୍ରମାଦିତ୍ୟ ବିକ୍ରମୀ ସମ୍ବତ ପ୍ରଚଳନ କରିଥିଲେ । ଇସଲାମିକ ବର୍ଷ ମାସ ଗଣନାରେ ଏହା ସଂସ୍କାରିତ ନୁହଁ । ସାୱାନ ମାସ ଶ୍ରାବଣ ପରି ବର୍ଷା ଋତୁ ମାସ ଧରାଗଲେ ଏହା ବେଳେ ବେଳେ ନିଦାଘ ଗ୍ରୀଷ୍ମ ଋତୁରେ ପଡ଼ିପାରେ । ରାଜା ପ୍ରଜା ମିଳନ ବର୍ଷରେ କିଛି ଦିନ ହୁଏ । ଏ ମଧ୍ୟରେ ବାଧ୍ୟ ବାଧକତା ରାଜାଙ୍କର ଅଭିଷେକ ଦିନ ବିଗତ କାଳରେ ସୁନିଆଁ ଦିନ ରାଜା ଜମିଦାରଙ୍କ ଘରେ ଭେଟି କରିବା ପାଇଁ ପ୍ରଜା ଓ ତାଙ୍କ ଦଳପତି ରାଜବାଟୀ ବା ଜମିଦାରଙ୍କ ମହଲରେ ପହସଚୁଥିଲେ । ସମ୍ରାଟଙ୍କ କରଦ ରାଜାମାନେ ସମ୍ରାଟଙ୍କ ସେବାରେ ଉପସ୍ଥିତ ହେଉଥିଲେ । ଜ୍ଞାନୀ ମାନଙ୍କୁ ଛାଡ଼ି କୌଣସି ରାଜା ବା ବଣିକ ତିଷ୍ଠି ନପାରନ୍ତି । ଜ୍ଞାନଧାରା ସମସ୍ତଙ୍କର ଏକ ନୁହଁ । ପ୍ରତ୍ୟେକ ପ୍ରଶାସନରେ ସଚିବ ମନ୍ତ୍ରୀ ରହି ଆସିଛନ୍ତି । ସନ୍ଧି ଓ ବିଗ୍ରହ କାଳ ସହିତ ଶତୃ ସହିତ ସମୟ ଓ ପରିସ୍ଥିତି ଦେଖି କରାଯାଏ । ଏହା ସେହି ଜ୍ଞାନୀ ସଚିବ ଓ ମନ୍ତ୍ରୀମାନେ ରାଜାଙ୍କୁ ପରାମର୍ଶ ଦେଇ କାର୍ଯ୍ୟକାରୀ କରାନ୍ତି । ଶକାବ୍ଦ ପରେ ପାଳନ ହେଲା ଏହା ଆଗରୁ ସମ୍ବତ୍ ପାଳନ ଆରମ୍ଭ, ପରବର୍ତ୍ତୀ କାଳରେ ବିଜ୍ଞମାନେ ଚୈତ୍ର ଶୁକ୍ଳ ପ୍ରତିପଦ ସଂଶ୍ଳିଷ୍ଟ ବାରାଧିପ ବର୍ଷର ରାଜା ଓ ଶକାବ୍ଦଃ ଆରମ୍ଭ ସଂଶ୍ଳିଷ୍ଟ ବାରାଧିପ ବର୍ଷର ମନ୍ତ୍ରୀ ରୂପେ ଧାର୍ଯ୍ୟ ଅନେକ ପ୍ରାନ୍ତୀୟ ପାଞ୍ଜି ସ୍ୱୀକାର କରି ଆସୁଛନ୍ତି । ଆମର ଗଣନା ଧାର୍ଯ୍ୟ ଅନୁସାରେ ସୂର୍ଯ୍ୟ ଉଦୟ ଭିତିକ ବାର ଧାର୍ଯ୍ୟ କରାଯାଏ । ମଧ୍ୟରାତ୍ର ପର ଓ ମଧ୍ୟରାତ୍ର ପୂର୍ବ ପୁଣି ସନ୍ଧ୍ୟା ପୂର୍ବ, ସନ୍ଧ୍ୟାପର ଏମିତି ବାରର ଧାର୍ଯ୍ୟ ନିୟମ ଏସବୁ ଗଣନାରେ ଧରାଯାଏ । ସାତବାର ମଧ୍ୟରୁ କେହି ରାଜା ବା ମନ୍ତ୍ରୀ ହୋଇପାରନ୍ତି । ଏ ମଧ୍ୟରେ ପାପଗ୍ରହ ରବି ମଙ୍ଗଳ ଶନି ମଧ୍ୟରୁ କେହି ରାଜା ହୁଅନ୍ତୁ ବା ମନ୍ତ୍ରୀ ହୁଅନ୍ତୁ ବର୍ଷର ଶୁଭଫଳଦାୟୀ ହୁଅନ୍ତି ନାହିଁ । ପକ୍ଷାନ୍ତରେ ଚନ୍ଦ୍ର, ବୁଧ, ବୃହସ୍ପତି, ଶୁକ୍ରଙ୍କୁ ଶୁଭଗ୍ରହ ଧରାଯାଏ ଏମାନେ ରାଜା ବା ମନ୍ତ୍ରୀ ହେଲେ ଶୁଭଫଳ ଅବଶ୍ୟ ମିଳେ । ପଣା ସଂକ୍ରାନ୍ତିକୁ ମହା ବିଷୁବ ସଂକ୍ରାନ୍ତି କୁହାଯାଏ । ସୂର୍ଯ୍ୟ ଏ ସମୟରେ ବିଷୁବ ରେଖାରେ ଅବସ୍ଥାନ କରନ୍ତି । ପଂଚାଙ୍ଗ ଗଣନା ସୃଷ୍ଟିର ଆଦି ଦିନରୁ ଯୁଗର ଆଦି ଦିନରୁ ଓ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଗଣନା ସ୍ଥିର ରହିବା ଦିନରୁ କରାଯାଏ । ବିଚକ୍ଷଣ ଗଣିତ ଜ୍ୟୋତିଷୀ ଏହି ୩କୁ ସାମ୍ୟ ନକଲେ ଗଣନା ଭ୍ରମ ରହିଯାଇପାରେ । ଶକାବ୍ଦଃର ଆଦ୍ୟ ଦିନର ବାରରୁ ଆଗାମୀ ବର୍ଷର ସମସ୍ତ ରୂପ ରେଖ ପ୍ରସ୍ତୁତ କରାଯାଏ । ବର୍ଷା ଉପରେ କୃଷି ଓ ଜନତା ନିର୍ଭରଶୀଳ, ଏମିତି ପଶୁପକ୍ଷୀ, ବୃକ୍ଷଲତା ନିର୍ଭରଶୀଳ ରାଜକର ନିର୍ଭରଶୀଳ ଏ ପାଇଁ ଏହି ଶକାବ୍ଦଃ ସିଦ୍ଧାନ୍ତରୁ ବାରମାସର ଆରମ୍ଭ ତିଥିବାର ନକ୍ଷତ୍ର ଲଗ୍ନରୁ ବହୁ ସିଦ୍ଧାନ୍ତ ସ୍ଥିର କରି ପାଞ୍ଜିରେ ଦିଆଯାଇଥାଏ । ଆମ ଓଡ଼ିଶାରେ ପୁଣ୍ୟକାଳ, ଦାନ ପାଇଁ ଉଦ୍ଦିଷ୍ଟ । ସମୟ ଭୋଗ ଅନୁସାରେ ଦ୍ରବ୍ୟଦାନ ଧାର୍ଯ୍ୟ ବି ରହିଛି । ଯଥା ଶୀତଦିନେ କମ୍ବଳ, ଶୀତବସ୍ତ୍ର ଦାନ, ଖରାଦିନେ ପାନ୍ଥ ମାନଙ୍କୁ ଛତ୍ର ପାଣ୍ଡୋଇ (ଯୋତା ଚପଲ, କଠଉ) ପାନୀୟ, ବିଭିନ୍ନ ବିଶେଷ ପର୍ବରେ ବସ୍ତ୍ର ନିଜର ବ୍ୟକ୍ତିଗତ ଶୁଦ୍ଧି ପ୍ରକ୍ରିୟାରେ ବା ବିବହାଦି କାର୍ଯ୍ୟରେ ଅନ୍ନ, ବସ୍ତ୍ର, ଅଳଙ୍କାର, ଶଯ୍ୟା ଦାନ କରାଯାଏ । ଗୃହାରମ୍ଭ, ଗୃହ ପ୍ରବେଶ, କନ୍ୟା ବିବାହ ଆଦିରେ ଗୋଦାନ କରାଯାଏ । ଏହି ମହାବିଷୁବ ସଂକ୍ରାନ୍ତିରେ ପାଣିପଣା ଦାନ କରାଯାଏ । ପ୍ରକୃତରେ ଯେଉଁ ଜଳକଷ୍ଟ ଅଛି ସେଠାରେ ପୁଷ୍କରିଣୀ, କୂପାଦି ଖନନ ଧନୀ ଜମିଦାରମାନେ ଏଇଠାରୁ ଖନନ କରି ଉତ୍ସର୍ଗ କରୁଥିଲେ । ଅଭଡ଼ାପାଣି, ଏକ ଜଳ ଦହି ମିଶ୍ରଣର ଘୋଳ ଏହା ପଥଚାରୀଙ୍କୁ ମଧ୍ୟାହ୍ନ କାଳରେ ପ୍ରଦାନ କରାଯାଏ । ଏହି ମେଷ ରବି ଗ୍ରୀଷ୍ମଋତୁର ୧ମ ମାସ, ଏ ସମୟ ମୃତିକା ସ୍ତରର ଜଳ ସର୍ବନିମ୍ନ ସ୍ତରଗାମୀ ହୋଇଥାଏ । ମାଟି ଶୁଖି ଠୋ ଠୋ ହୋଇଥାଏ । ବୃକ୍ଷଲତା ଜଳ ଆହରଣରେ ପ୍ରବଳ ବାଧାରେ ଥାଆନ୍ତି । ବୃକ୍ଷ ମୂଳରେ ମଳା କରି ଜଳ ସି□ନ କରାଯାଏ । ତୁଳସୀ ଚୌରାରେ ବସନ୍ତରା ଘଡ଼ି ବସାଇ ଘଡ଼ି ନିମ୍ନ ଛିଦ୍ରରେ କୁଶାଗ୍ରରେ ଘନିରେ ଜଳ ଭରି ଟୋପା ଟୋପା ଜଳ ତୁଳସୀ ବୃକ୍ଷରେ ପକାଇ ବୃକ୍ଷକୁ ଉଜ୍ଜୀବିତ ରଖିବା ଚେଷ୍ଟା କରାଯାଏ । ବୃକ୍ଷକୁ ଜଳ ଦାନ ପ୍ରକୃତରେ ଏହା ଏକ ସୂଚନା । ମଧୁଏକ 'ରାକ୍ଷସ' ଥିଲେ । ତାକୁ ହତବା ଅନ୍ତ କରିବା ବ୍ୟକ୍ତି 'ମାଧବ' । ମଧୁମାସ ନାମ ଚୈତ୍ର ମାସର ମାଧବ ମାସ ବୈଶାଖ ମାସର ବୈଦିକ ଜ୍ୟୋତିଷରେ ବର୍ଣ୍ଣନା ଅଛି । ପକ୍ଷାନ୍ତରେ ମଧୁ ଏକ ସୁନ୍ଦର ନାମ ବସନ୍ତ ଋତୁର ଦେହସହ୍ୟ ଆମୋଦ ଦାୟକ ଦକ୍ଷିଣା ପବନ ପ୍ରବାହିତ ସମୟ ଏଇ ମଧୁ ମହୁ ସଂଗ୍ରହରର ମାସ । ବହୁ ଫୁଲ ଏ ସମୟରେ ନବପଲ୍ଲବିତ ବୃକ୍ଷ ମାନଙ୍କରେ ଫୁଟେ, ନିମ୍ବଫୁଲ କରଞ୍ଜ ଆଦି ଅନେକ ବନୌଷଧି ବୃକ୍ଷର ଫୁଲ ଫୁଟେ । ଏଥିରେ ମହୁମାଛି ମହୁ ସଂଗ୍ରହ କରି ମଧୁଚକ୍ର ବାନ୍ଧିଥାନ୍ତି । ଏଥିରୁ ମଧୁ ସଂଗ୍ରହ ସମୟ ଦେଖି ସଂଗ୍ରହ କରି ବିକ୍ରି କରିଥାନ୍ତି । ମଧୁ ସୁଲଭ କାଳକୁ ମୀନ ମାସ ମୀନ କେତନ କନ୍ଦର୍ପଙ୍କ ସହଚର ବସନ୍ତଋତୁ ଏ ସମୟରେ ଉପଭୋଗକାଳ ଚାଲେ । ପଂଚାଙ୍ଗ ଗଣନାରେ ପୃଥିବୀ ସ୍ଥିତି ନଥାଏ । ମେଷ ରବି ଅଗ୍ନୀଭୂତ ସମ୍ବନ୍ଧକୁ ତୁଳା ପୃଥିବାୟୁ ଭୂତ ସମ୍ବନ୍ଧ, ଏହା ଚର ରାଶି ସମ୍ବନ୍ଧ । ଝାଞ୍ଜି ବହନ ସମୟ । ମନୁଷ୍ୟ ବୁଦ୍ଧିମାନ ବିଚାର ଶକ୍ତିରେ ନିଜେ ବଂଚିବା ସହିତ ଅନେକକୁ ବଂଚିବା ପାଇଁ ନିଜର ଅକ୍ତିଆର ଅଧିକାରରୁ ସେବା, ଦାନ ମାର୍ଫତ ଅନେକଙ୍କୁ ବଂଚାଇ ଖୁସି ରଖାଇ ପାରିଲେ ପୁଣ୍ୟକର୍ମ ଧରାଯାଏ । ବୈଶାଖ ପୁଣ୍ୟ ମାସରେ ଆସେ । ଦୁର୍ଲ୍ଲଭ ଜଳ ପଶୁପକ୍ଷୀ ମନୁଷ୍ୟ ବୃକ୍ଷଲତାକୁ ପ୍ରଦାନ କଲେ ପୁଣ୍ୟଫଳ ମିଳିଥାଏ ।

## ଉତ୍କଳୀୟ ନବବର୍ଷ

] ବାର ମାସେ ତେର ପରବରେ ଭରା
] ଆମ ଉତ୍କଳ ସଂସ୍କୃତି
] ପହିଲି ବୈଶାଖେ ସୂରୁଜ ଉଇଁଲେ
] ଆସଇ ଜଳ ସଂକ୍ରାନ୍ତି ।
] ଦୀପ୍ତି ତେଜ କରି ବିଷୁବ ରେଖାରେ
] ରୁହନ୍ତି ପ୍ରଭୁ ତପନ
] ଆମ ଉତ୍କଳର ନବବର୍ଷ ବୋଲି
] ସର୍ବେ କରନ୍ତି ପାଳନ ।
] ସାରା ଶକ୍ତିପୀଠେ ଭକ୍ତଂକ ଗହଳି
] ଶୋଭାପାଏ ଏହିଦିନେ
] ଜଳନ୍ତା ନିଆଁରେ ପାଟୁଆ ଚାଲନ୍ତି
] ଭକ୍ତିଭାବ ରଖି ମନେ ।
] ତପ୍ତ ନିଦାଘର ପ୍ରଚଣ୍ଡ ରୌଦ୍ରକୁ
] ସହି ନପାରନ୍ତି ଜନେ
] ପବନ ସୁତଂକୁ ଗୁହାରି କରନ୍ତି
] ସିନ୍ଦୂର ପ୍ରଲେପି ଧ୍ୟାନେ ।
] ସାରା ଦେବାଳୟେ ଧୂପ ନୈବେଦ୍ୟରେ
] ପଣାଲାଗି ବିଧି ହୁଏ
] ଛତୁଆ ନଡ଼ିଆ କଦଳୀ ଓ ଛେନା
] ପଣାର ମାନ୍ୟତା ପାଏ ।
] ଋତୁରାଜ ଯାଏ ଗ୍ରୀଷ୍ମଋତୁ ଆସେ
] ତାପ ଯାଏ ବଢ଼ି ବଢ଼ି
] ସଭିଂକ ନିଳୟେ ବୃନ୍ଦାବତୀ ଶିରେ
] ଝୁଲେ ବସୁନ୍ଧରା ଘଡ଼ି ।
] ନୂଆ ବର୍ଷ ସହ ନୂତନ ପଂଜିକା
] ଚାଲୁହୁଏ ଏହି ଦିନେ
] ସୁଖ ସୌଭାଗ୍ୟର କାମନା କରନ୍ତି
] ଦେବାଦେବୀ ପାଶେ ଜନେ ।
] ଏହିଦିନ ଠାରୁ ଜଳଛତ୍ର ଖୋଲେ
] ହୁଏ ପୂଣ୍ୟ ଜଳଦାନ
] ଅଂଜନା ସୁତଂକ ଜୟନ୍ତୀ ଉତ୍ସବ
] ଶ୍ରଦ୍ଧାରେ ହୁଏ ପାଳନ ।

## ଓଡ଼ିଆ ନବବର୍ଷ

◆ ଭବାଶିଷ ଦାସ

ସମସ୍ତ ଦୃଷ୍ଟିକୋଣରୁ ମହାବିଷୁବ ସଂକ୍ରାନ୍ତି ଓଡ଼ିଆମାନଙ୍କର ଏକ ବିଶିଷ୍ଟ ପର୍ବ । ଏହି ପର୍ବ ଓଡ଼ିଆଙ୍କର ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ଭିତିଭୂମିକୁ ସୁଦୃଢ଼ କରିଛି । ସୌରମାନ ଗଣନା ଅନୁଯାୟୀ ସୂର୍ଯ୍ୟ ଗୋଟିଏ ରାଶିରେ ଏକ ମାସ ଅବସ୍ଥାନ କରି ଅନ୍ୟ ରାଶିକୁ ଗମନ କରନ୍ତି । ଯେଉଁ ଦିନ ଅନ୍ୟ ରାଶିକୁ ଗମନ କରନ୍ତି, ସେହି ଦିନକୁ ମାସର ପ୍ରଥମ ଦିନ ବା ସଂକ୍ରାନ୍ତି କୁହାଯାଏ । ସଂକ୍ରାନ୍ତି ଶବ୍ଦଟି ସଂସ୍କୃତ ଭାଷାର ସଂକ୍ରମଣ ଶବ୍ଦରୁ ଆସିଛି । ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଇଥିବାରୁ, ଆଜି ଓଡ଼ିଆ ନବ ବର୍ଷର ପ୍ରଥମ ଦିନ । ବର୍ଷର ପ୍ରଥମ ଦିନ ହୋଇଥିବାରୁ, ଏହି ଉପଲକ୍ଷେ ପ୍ରତ୍ୟେକ ଓଡ଼ିଆ ଘରେ, ଦେବାଦେବୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ, ଭୋଗରାଗ, ହୋମାଦି ଅନୁଷ୍ଠିତ ହୁଏ । ଏହି ଦିନରେ ମନ୍ଦିର ମାନଙ୍କରେ ଛତୁ ଓ ପଣା ଭୋଗର ବିଧି ରହିଛି । ପଡ଼ୋଶୀ, ବନ୍ଧୁବାନ୍ଧବ, ବ୍ରାହ୍ମଣ ମାନଙ୍କୁ ପଣା ବଂଟାଯାଏ । ଏହି କାରଣରୁ ଏହାକୁ ପଣା ସଂକ୍ରାନ୍ତି




ମଧ୍ୟ କୁହାଯାଏ । ଏହି ସମୟରେ ଜଳଦାନ କଲେ ପୁଣ୍ୟ ହୁଏ । ତେଣୁ, ପଣା ସଂକ୍ରାନ୍ତିରୁ ରାସ୍ତା କଡ଼ରେ ବାଟୋଇଙ୍କ ତୃଷା ନିବାରଣ ପାଇଁ ଜଳଛତ୍ର ଖୋଲଯାଏ । ଏହାଛଡ଼ା ଗଛ ମୂଳରେ ଜଳଦାନ ପ୍ରଥା ପ୍ରଚଳିତ । ଚଉଁରାରେ ପୂଜିତ ତୁଳସୀ ଗଛ ଉପରେ ଛାମୁଡ଼ିଆ ବନ୍ଧାଯାଇ, ଠେକିରେ ଜଳ ରଖି, ଅତି କ୍ଷୁଦ୍ର କଣା ମାଧ୍ୟମରେ ଜଳଧାରର ବ୍ୟବସ୍ଥା କରାଯାଏ । ଏହି ଦିନକୁ ମହାବୀର ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି । ଭାରତ ବର୍ଷରେ ପ୍ରାୟତଃ ବିଭିନ୍ନ ରାଜ୍ୟରେ ପଞ୍ଜିକା ଗଣନା ଅନୁସାରେ ଭିନ୍ନ ଭିନ୍ନ ଦିନରେ ନବବର୍ଷରେ ପାଳନ ପ୍ରଥା ରହିଆସିଛି । ସେହିପରି ଓଡ଼ିଆ ଗଣନା ଅନୁସାରେ ଏହି ଦିନରୁ ଓଡ଼ିଆ ନବବର୍ଷର ପ୍ରାରମ୍ଭ ଭାବେ ପାଳନ କରାଯାଇଥାଏ । ବୈଜ୍ଞାନିକ ମତାନୁସାରେ ଉତର ଗୋଲାର୍ଦ୍ଧ ଏବଂ ଦକ୍ଷିଣ ଗୋଲାର୍ଦ୍ଧ ଭାବରେ ବିଷୁବ ରେଖା ପୃଥିବୀକୁ ଦୁଇ ଭାଗରେ ବିଭକ୍ତ କରିଛି । ଏହି ଦିନ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରୁ ଉତରକୁ ଗତି କରି ବିଷୁବ ରେଖା ଉପରେ ଅବସ୍ଥାନ କରିଥାନ୍ତି ଏବଂ ଧୀରେ ଧୀରେ ଉତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କର ଆଗମନ ବଢ଼ି ଚାଲିଥାଏ । ଆମର ଭାରତ ବର୍ଷ ଉତର ଗୋଲାର୍ଦ୍ଧରେ ଅବସ୍ଥିତ ଥିବାରୁ ଏହି ଦିନ ଠାରୁ ସୂର୍ଯ୍ୟଙ୍କ କିରଣ ଧୀରେ ଧୀରେ ପ୍ରଖର ହେବାକୁ ଲାଗିଥାଏ । ବିଷୁବ ରେଖା ଉପରେ ସୂର୍ଯ୍ୟଙ୍କ ଅବସ୍ଥାନ ପାଇଁ ଏହିଦିନଟିକୁ ବିଷୁବ ସଂକ୍ରାନ୍ତି ଭାବେ ମଧ୍ୟ ଗଣାଯାଇ ଥାଏ । ଏହି ଦିନକୁ ଓଡ଼ିଶାରେ ନବବର୍ଷର ପ୍ରଥମ ଦିନ ଭାବେ ଗଣାଯାଇଥାଏ । କରୋନା ମହାମାରୀ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲା ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରିଦେବା ପରେ ସମ୍ଭବତଃ ଚଳିତ ବର୍ଷଟି ଏଥିରୁ ମୁକ୍ତି ପାଇବା ପାଇଁ ଯାଉଛି । ପବିତ୍ର ମହାବିଷୁବ ସଂକ୍ରାନ୍ତି କେବଳ ଓଡ଼ିଆ ବା ଭାରତୀୟଙ୍କ ପାଇଁ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ, ଆନନ୍ଦପ୍ରଦ ହେଉ ଓ ସବୁ ଘର ପରିବାରରେ ଖୁସି ଓ ଶାନ୍ତି ଶ୍ରୀ ସାଇ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା ।

+++

## ଓଡ଼ିଆ ନବବର୍ଷ

◆ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀ

ମୁଁ ଓଡ଼ିଆ ନା
ହଁ, ମୁଁ ନ ହେଲି ନାହିଁ
କାହିଁ, କେଉଁଠି ଦେଖିଲିନି ତ
କିଏ ଓଡ଼ିଆ
ବାଃ, ଭାରି ବଢ଼ିଆ
ଏଇଟା ଅତୀତ ଐତିହ୍ୟର
ଓଡ଼ିଶା ନା
ଆମେ ସବୁ ସାଥୀ ପଡ଼ିଶା ନା,
ଦିନେ ଉତ୍କଳ ଥିଲା ଉତ୍କର୍ଷ
ଉତ୍କଳର ଠାକୁର ରାଜା
ଥିଲେ ଚିର ନମସ୍ୟ ।
କହେ ସାରା ବିଶ୍ୱ
ଏ ଓଡ଼ିଶା ଠାକୁର ଦେଶ
ମନେ ପଡ଼େ,
ପୂର୍ବ ଇଂରାଜୀ ନୂଆବର୍ଷର
ଅନ୍ତିମ ସଂନ୍ଧ୍ୟାରେ
ମୁଁ ବୁଲିଯାଇଥିଲି
କ'ଣ ହେଉଛି ଜାଣିବାକୁ
ଆମ ଗାଁମୁଣ୍ଡରେ
ଦେଖିଲି, ମାତିଛନ୍ତି
ପିଲାଠୁଁ ବୁଢ଼ାଯାଏ
ସ୍ୱାଗତ କରିବାକୁ
ଆସନ୍ତା ଇଂରାଜୀ ନବବର୍ଷକୁ
ସନ୍ଧ୍ୟାଠୁଁ ସକାଳ ଯାଏ ।

*ଈଶ୍ୱରପୁର, ସୋର, ବାଲେଶ୍ୱର-୮୨୮୦୨୮୯୮୫୦*











# ଏକାମ୍ର କ୍ଷେତ୍ରରୁ ସ୍ମାର୍ଟ ସିଟିର ଏକ ଐତିହାସିକ ଯାତ୍ରା



**ଓଡିଶାର ପ୍ରାଣକେନ୍ଦ୍ର ଭୁବନେଶ୍ୱର ପାଇଁ ଏପ୍ରିଲ ୧୩ ଥିଲା ଏକ ସ୍ୱର୍ଣ୍ଣାକ୍ଷରରେ ଲିଖିତ ଦିବସ । ୧୯୪୮ ମସିହାର ଏହି ଦିନରେ ଆଧୁନିକ ଭୁବନେଶ୍ୱରର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହି ଦିନଟି କେବଳ ଏକ ତାରିଖ ନୁହେଁ, ବରଂ ଏହା ଓଡିଆ ସ୍ୱାଭିମାନ, ସ୍ୱପ୍ନ ଏବଂ ନବନିର୍ମାଣର ପ୍ରତୀକ । ସହସ୍ର ବର୍ଷର ମନ୍ଦିରମାଳିନୀ ଐତିହ୍ୟକୁ କୋଳରେ ଧରି ଏହି ସହର ଆଜି ଏକ ଆଧୁନିକ ମେଟ୍ରୋ ସିଟିରେ ପରିଣତ ହୋଇଛି ।**

◆ସୌଭାଗ୍ୟ ରଂଜନ ମହାନ୍ତି

କଟକରୁ ଭୁବନେଶ୍ୱରର ଉଦ୍ଭବ: ଓଡିଶାର ରାଜଧାନୀ ଭାବେ କଟକ ହଜାରେ ବର୍ଷରୁ ଅଧିକ ସମୟ ଧରି ନିଜର ପ୍ରାଧାନ୍ୟ ବଜାୟ ରଖିଥିଲା । ମାତ୍ର ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବା ପରେ ଏକ ବିସ୍ତୃତ ଏବଂ ଯୋଜନାବଦ୍ଧ ରାଜଧାନୀର ଆବଶ୍ୟକତା ଅନୁଭବ ହେଲା । କଟକର ଭୌଗୋଳିକ ସୀମା ବଢୁଥିବା ଜନସଂଖ୍ୟା ଏବଂ ପ୍ରଶାସନିକ ଚାପ ପାଇଁ ଯଥେଷ୍ଟ ନଥିଲା ।
ସ୍ଥାନ ଚୟନ : ଡଃ ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁ 'ଏକାମ୍ର କ୍ଷେତ୍ର' ବା ଭୁବନେଶ୍ୱରକୁ ଚୟନ କରାଗଲା । ଏହାର ପଥୁରିଆ ଜମି ଏବଂ ପ୍ରାଚୀନ କଳାକୃତିର ଗନ୍ତାଘର ଏହାକୁ ସର୍ବଶ୍ରେଷ୍ଠ ବିବେଚିତ କଲା ।
ଐତିହାସିକ ଦିନ : ୧୯୪୮ ଏପ୍ରିଲ ୧୩ ତାରିଖରେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଏହି ନୂତନ ସହରର ଶୁଭ ଦେଇ ଥିଲେ । ଜର୍ମାନ ସ୍ଥପତି ଓଟୋ କୋନିଗ୍ସବର୍ଗରଙ୍କ ଦ୍ୱାରା ପ୍ରସ୍ତୁତ 'ମାଷ୍ଟର ପ୍ଲାନ୍' ଅନୁଯାୟୀ ଏହାକୁ ଗଢାଗଲା । ସେ ସହରକୁ ୟୁନିଟ୍ ଭାବରେ ବିଭକ୍ତ କରିବା ସହ ଲିନିଅର୍ (ଖସଭରବକ୍ସ) ଡିଜାଇନ୍ ପ୍ରସ୍ତୁତ କରିଥିଲେ ।
ବର୍ତମାନି ଆଧୁନିକତା ଓ ବିକାଶର ପେଣ୍ଠସ୍ଥଳୀ: ଆଜିର ଭୁବନେଶ୍ୱର କେବଳ ପ୍ରଶାସନିକ କେନ୍ଦ୍ର ହୋଇ ରହିନାହିଁ । ଏହା ପୂର୍ବ ଭାରତର ଏକ ପ୍ରମୁଖ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆଇଟି ହବ୍ ଭାବେ ଉଭା ହୋଇଛି । ଆଇଆଇଟି (ଓଓଝ), ଏମ୍ସ (ଉଓଓଝ), ନାଇଜର (ଘଓଝଉକ) ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟ ଯୋଗୁଁ ସାରା ଭାରତରୁ ଛାତ୍ରଛାତ୍ରୀ ଏଠାକୁ ଆସୁଛନ୍ତି ।
କ୍ରୀଡା ରାଜଧାନୀ : କଳିଙ୍ଗ ଷ୍ଟାଡିୟମ ଆଜି ବିଶ୍ୱ ହକିର ପେଣ୍ଠସ୍ଥଳୀ । ଭୁବନେଶ୍ୱରକୁ ଏବେ ଭାରତର 'କ୍ରୀଡା ରାଜଧାନୀ' କୁହାଯାଉଛି । ଭାରତର ପ୍ରଥମ ସ୍ମାର୍ଟ ସିଟି ଭାବେ ଭୁବନେଶ୍ୱର ନିଜର ପରିଚୟ ସୃଷ୍ଟି କରିଛି । ପରିଚ୍ଛନ୍ନ ରାସ୍ତା, ମୋ ବସ ସେବା ଏବଂ ବ୍ୟାପକ ସବୁଜିମା ସହରକୁ ବାସୋପଯୋଗୀ କରିଛି । ଭବିଷ୍ୟତର ଭୁବନେଶ୍ୱର ଏକ ବିଶ୍ୱସ୍ତରୀୟ ମେଟ୍ରୋ ସିଟି ହେବାକୁ ଯାଉଛି ।
ମେଟ୍ରୋ ରେଳ : ରାଜଧାନୀ ଓ କଟକ ମଧ୍ୟରେ ମେଟ୍ରୋ ସଂଯୋଗ ଯୋଗୁଁ ଯାତାୟତରେ ଏକ ନୂତନ ଯୁଗର ଆରମ୍ଭ ହେବ ।
ସବୁଜ ଶକ୍ତି : ସହରକୁ ଅଧିକ ପ୍ରଦୂଷଣ ମୁକ୍ତ ଏବଂ ସୌରଶକ୍ତି ଚାଳିତ କରିବା ପାଇଁ ଯୋଜନା ଚାଲିଛି ।
ସଂସ୍କୃତିର ସୁରକ୍ଷା : ଆଧୁନିକତା ମଧ୍ୟରେ ପ୍ରାଚୀନ ଏକାମ୍ର କ୍ଷେତ୍ରର ମନ୍ଦିରଗୁଡିକର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ (ଏକାମ୍ର ପ୍ରକଳ୍ପ) ଚାଲିଛି, ଯାହା ପର୍ଯ୍ୟଟକଙ୍କୁ ଆହୁରି ବଢାଇବ ।
ପ୍ରତିଷ୍ଠା ଦିବସ ପାଳନ କରିବା କେବଳ ଏକ ଉତ୍ସବ ନୁହେଁ, ଏହା ଆମ ଅତୀତର ସଂଘର୍ଷକୁ ମନେ ପକାଇବା ଏବଂ ଭବିଷ୍ୟତ ପାଇଁ ସଂକଳ୍ପ ନେବାର ଦିନ । ଭୁବନେଶ୍ୱରର ବାସ୍ତବ ସଫଳତା ଏହାର ଶାନ୍ତିପ୍ରିୟ ପରିବେଶ ଏବଂ ଉନ୍ନତ ଜୀବନଶୈଳୀ ମଧ୍ୟରେ ନିହିତ । ଆଧୁନିକତା ବଢିବା ସହିତ ପରିବେଶ ସନ୍ତୁଳନ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଭୁବନେଶ୍ୱର ପ୍ରତିଷ୍ଠା ଦିବସ ଓଡିଆ ଜାତିର ବିଜୟ ଗାଥା । ଏହି ସହରଟି ଅତୀତରେ କଳା ଓ ସଂସ୍କୃତିର କେନ୍ଦ୍ର ଥିଲା, ବର୍ତମାନରେ ବିକାଶର ପେଣ୍ଠସ୍ଥଳୀ ଏବଂ ଭବିଷ୍ୟତରେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସହର ଭାବେ ପରିଚିତ ହେବ । ଓଡିଶାର ହୃଦୟବିନ୍ଦୁ ତଥା ମନ୍ଦିର ମାଳିନୀ ସହର ଭୁବନେଶ୍ୱର ପାଇଁ ଏପ୍ରିଲ ୧୩ ତାରିଖ ହେଉଛି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିବସ । ୧୯୪୮ ମସିହାରେ ଏହି ଦିନରେ ଆଧୁନିକ ଭୁବନେଶ୍ୱରର ଶୁଭାରମ୍ଭ ହୋଇଥିଲା । ଏହି ସହର କେବଳ ରାଜ୍ୟର ପ୍ରଶାସନିକ କେନ୍ଦ୍ର ନୁହେଁ, ବରଂ ଏହା ଓଡ଼ିଆ ଅସ୍ମିତା, ପରମ୍ପରା ଏବଂ ବିକାଶର ଏକ ଜ୍ୱଳନ୍ତ ପ୍ରତୀକ ।
ଐତିହାସିକ ପୃଷ୍ଠଭୂମି : କଟକରୁ ଭୁବନେଶ୍ୱର ଯାତ୍ରା
ଭାରତ ସ୍ୱାଧୀନ ହେବା ପୂର୍ବରୁ ଏବଂ ପରେ କିଛି ବର୍ଷ ପର୍ଯ୍ୟନ୍ତ କଟକ ଓଡିଶାର ରାଜଧାନୀ ଥିଲା । କିନ୍ତୁ ସମୟକ୍ରମେ ଅନୁଭବ କରାଗଲା ଯେ, କଟକ ଏକ ଦ୍ୱୀପ ସଦୃଶ ସହର ହୋଇଥିବାରୁ ଏହାର ଅଭିବୃଦ୍ଧି ପାଇଁ ସ୍ଥାନାଭାବ ଦେଖାଦେଉଛି । ଡଃ ହରେକୃଷ୍ଣ ମହତାବଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଏକ ନୂତନ ଏବଂ ଯୋଜନାବଦ୍ଧ ସହର ଗଢିବା ପାଇଁ ନିଷ୍ପତି ନିଆଗଲା । ଭୁବନେଶ୍ୱରର ଉଚ୍ଚା ମାଳଭୂମି ଏବଂ ଏହାର ପ୍ରାଚୀନ ଐତିହାସିକ ଗୁରୁତ୍ୱ ପାଇଁ ଏହାକୁ ରାଜଧାନୀ ଭାବେ ବଛାଗଲା । ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ସେ ସେଦିନ ଏହାକୁ ଓଡିଶାର ଭବିଷ୍ୟତର ପ୍ରତିବିମ୍ୱ ଭାବେ ଅଭିହିତ କରିଥିଲେ ।
ନକ୍ସା ଏବଂ ନିର୍ମାଣ ଶୈଳୀ: ଜର୍ମାନ ସ୍ଥପତି ଓଟୋ କୋନିଗ୍ସବର୍ଗରଙ୍କ ଦ୍ୱାରା ଭୁବନେଶ୍ୱରର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା । ସେ ସେତେବେଳେ ୪୦ହଜାର ଜନସଂଖ୍ୟା ପାଇଁ ଏକ ସୁନ୍ଦର 'ଲିନିଅର୍ ସିଟି'ର ପରିକଳ୍ପନା କରିଥିଲେ । ସହରଟିକୁ ୟୁନିଟ୍ ବ୍ୟବସ୍ଥାରେ ବିଭକ୍ତ କରାଗଲା, ଯେଉଁଠାରେ ବଜାର, ବିଦ୍ୟାଳୟ ଏବଂ ଉଦ୍ୟାନ ପାଇଁ ସ୍ଥାନ ସଂରକ୍ଷିତ ଥିଲା । ଆଜି ସେହି ୟୁନିଟ୍-୧ ରୁ ୟୁନିଟ୍ ୯ ପର୍ଯ୍ୟନ୍ତ ଅଂଚଳର ଭୁବନେଶ୍ୱରର ମୂଳ ପରିଚୟ ହୋଇରହିଛି ।
ପ୍ରାଚୀନ ଓ ଆଧୁନିକତାର ସଂଗମ: ଭୁବନେଶ୍ୱରକୁ 'ଏକାମ୍ର କ୍ଷେତ୍ର' କୁହାଯାଏ । ଏଠାରେ ଥିବା ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର, ରାଜାରାଣୀ ଏବଂ ବୈତାଳ ଦେଉଳ ଭଳି ଶତାଧିକ ମନ୍ଦିର ଏହାର ପ୍ରାଚୀନ କଳା ନୈପୁଣ୍ୟକୁ ଦର୍ଶାଏ । ଅନ୍ୟପଟେ, ଧଉଳିର ଶାନ୍ତି ସ୍ତୁପ ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକ ହେବାର ମୂକସାକ୍ଷୀ । ଆଜିର ଭୁବନେଶ୍ୱର କେବଳ ମନ୍ଦିରରେ ସୀମିତ ନାହିଁ । ଏହା ଏକ ପ୍ରମୁଖ ଶିକ୍ଷା ଓ ଆଇଟି ହବ୍‌ରେ ପରିଣତ ହୋଇଛି । ଆଇଆଇଟି, ଏମ୍ସ ଏବଂ ନାଇଜର ଭଳି ଶିକ୍ଷାନୁଷ୍ଠାନ ସହ ଇନ୍‌ଫୋସିଟି ଭଳି ଆଇଟି ପାର୍କ ଏହାକୁ ଏକ ଗତିଶୀଳ ସହରରେ ରୂପାନ୍ତରିତ କରିଛି । ପ୍ରତିବର୍ଷ ଏପ୍ରିଲ ୧୩ରେ ସମଗ୍ର ସହର ଉତ୍ସବମୁଖର ହୋଇଉଠେ । ବିଧାନସଭା ସମ୍ମୁଖରେ ଏକ ବିଶାଳ ପରେଡ୍ ଅନୁଷ୍ଠିତ ହୁଏ, ଯେଉଁଠାରେ ରାଜ୍ୟର ବିଭିନ୍ନ ବର୍ଗର ଲୋକେ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରନ୍ତି ।
ସମ୍ମାନ : ଏହି ଦିନ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଭୁବନେଶ୍ୱର ସମ୍ମାନରେ ସମ୍ମାନିତ କରାଯାଇଥାଏ ।
ସାଂସ୍କୃତକି ଆସର : ସନ୍ଧ୍ୟା ସମୟରେ ଲୋକେ ଓଡିଶୀ ନୃତ୍ୟ ଏବଂ ଶାସ୍ତ୍ରୀୟ ସଙ୍ଗୀତର ମଜାନିଅନ୍ତି । ପୁରା ସହରକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଥାଏ । ଭାରତ ସରକାରଙ୍କ ସ୍ମାର୍ଟ ସିଟି ମିଶନରେ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିଲା । ପରିଚ୍ଛନ୍ନ ରାସ୍ତା, ଉତମ ପରିବହନ ବ୍ୟବସ୍ଥା (ମୋ ବସ), ଏବଂ ପ୍ରଚୁର ସବୁଜିମା ଏହି ସହରକୁ ବାସୋପଯୋଗୀ ସହର ମାନ୍ୟତାରେ ଶୀର୍ଷରେ ରଖିଛି । କ୍ରୀଡା କ୍ଷେତ୍ରରେ ମଧ୍ୟ ଭୁବନେଶ୍ୱର ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ଯାହାଫଳରେ ଏହାକୁ ଭାରତର କ୍ରୀଡା ରାଜଧାନୀ କୁହାଯାଉଛି । ବିକାଶ ସହ କିଛି ସମସ୍ୟା ମଧ୍ୟ ଦେଖାଦେଇଛି, ଯଥା ଜନସଂଖ୍ୟା ବୃଦ୍ଧି ଏବଂ ଜଳ ନିଷ୍କାସନ ସମସ୍ୟା । ଜଣେ ସଚେତନ ନାଗରିକ ଭାବେ ଆମର ଦାୟିତ୍ୱ ହେଉଛି ରାଜଧାନୀକୁ ସ୍ୱଚ୍ଛ ରଖିବା ଏବଂ ଏହାର ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବା । ପ୍ରାଥମିକ ସୂଚନା ଓ ପୃଷ୍ଠଭୂମି ଓଡିଶାର ଇତିହାସରେ ଏପ୍ରିଲ ୧୩, ୧୯୪୮ ଏକ ସ୍ମରଣୀୟ ଦିବସ । ଏହିଦିନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ମନ୍ଦିର ମାଳିନୀ ସହର ଭୁବନେଶ୍ୱରରେ ନୂତନ ରାଜଧାନୀର ଭିତିପସ୍ତର ସ୍ଥାପନ କରିଥିଲେ । କଟକରୁ ରାଜଧାନୀ ସ୍ଥାନାନ୍ତର ହେବା ପଛରେ ଅନେକ ଭୌଗୋଳିକ ଏବଂ ବାସ୍ତବିକ କାରଣ ରହିଥିଲା ।
କଟକରୁ ଭୁବନେଶ୍ୱର : ସ୍ଥାନାନ୍ତରର ଇତିହାସ
ହଜାରେ ବର୍ଷର ସହର କଟକ ଦୀର୍ଘ ଦିନ ଧରି ଓଡିଶାର ରାଜଧାନୀ ରହିଥିଲା । କିନ୍ତୁ କଟକ ଦୁଇଟି ନଦୀ (ମହାନଦୀ ଓ କୋଠଯୋଡି) ମଧ୍ୟରେ ଆବଦ୍ଧ ହୋଇ ରହିଥିବାରୁ ଏହାର ଭବିଷ୍ୟତ ସମ୍ପ୍ରସାରଣ ପାଇଁ ସ୍ଥାନର ଅଭାବ ପରିଲକ୍ଷିତ ହେଲା । ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବା ପରେ ଏକ ଆଧୁନିକ ରାଜଧାନୀର ଆବଶ୍ୟକତା ଜୋର ଧରିଥିଲା ।




ନିଷ୍ପତି ପ୍ରକ୍ରିୟା : ଡଃ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏବଂ ବିଶିଷ୍ଟ ନେତାମାନଙ୍କ ସହମତିରେ ଭୁବନେଶ୍ୱରକୁ ରାଜଧାନୀ ଭାବରେ ଚୟନ କରାଗଲା ।
ଐତିହାସିକ ଗୁରୁତ୍ୱ : ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଭାବେ ପରିଚିତ । ଏହାର ନିକଟରେ ଧଉଳି, ଖଣ୍ଡଗିରି ଏବଂ ଉଦୟଗିରି ପରି ଐତିହାସିକ ସ୍ଥଳ ରହିଥିବାରୁ ଏହା ସାଂସ୍କୃତିକ ଦୃଷ୍ଟିରୁ ସର୍ବଶ୍ରେଷ୍ଠ ବିବେଚିତ ହେଲା ।
ଓଟୋ କୋନିଗ୍ସବର୍ଗରଙ୍କ ପରିକଳ୍ପନା :
ଆଧୁନିକ ଭୁବନେଶ୍ୱର ନକ୍ସା ଜର୍ମାନ ସ୍ଥପତି ଓଟୋ କୋନିଗ୍ସବର୍ଗର (**Otto Konigsberger**) ପ୍ରସ୍ତୁତ କରିଥିଲେ । ସେ ସହରକୁ ୧୦ଟି ପ୍ରମୁଖ ୟୁନିଟରେ ବିଭକ୍ତ କରିଥିଲେ । ତାଙ୍କ ପରିକଳ୍ପନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସହରରେ ପର୍ଯ୍ୟାପ୍ତ ଖୋଲା ସ୍ଥାନ, ବୃକ୍ଷଲତା ଏବଂ ପ୍ରଶାସନିକ ସୁବିଧା ପ୍ରଦାନ କରିବା ।
ନେବରହୁଡ୍ ୟୁନିଟ୍ : ପ୍ରତିଟି ୟୁନିଟରେ ସ୍କୁଲ, ଡାକ୍ତରଖାନା ଏବଂ ବଜାରର ସୁବିଧା ରଖାଯାଇଥିଲା ।
ଲିନିଅର୍ ସିଟି : ଏହାକୁ ଏକ ରେଖିକ ସହର ଭାବେ ଗଢାଯାଇଥିଲା ଯେପରିକି ଭବିଷ୍ୟତରେ ଏହାର ସମ୍ପ୍ରସାରଣ ସମସ୍ୟା ହେବ ନାହିଁ ।
ପ୍ରଶାସନିକ ସୌଧ ଓ ସଂରଚନା:
ଭୁବନେଶ୍ୱର ପ୍ରତିଷ୍ଠା ହେବା ପରେ କ୍ରମାଗତ ଭାବେ ବଡ ବଡ ସରକାରୀ ଅଟ୍ଟାଳିକା ନିର୍ମିତ ହେଲା ।
ଓଡିଶା ସଚିବାଳୟ(ଲୋକସେବା ଭବନ) : ଏହା ରାଜ୍ୟ ଶାସନର ମୁଖ୍ୟ କେନ୍ଦ୍ର ।
ବିଧାନସଭା କୋଠା : ଗଣତନ୍ତ୍ରର ମନ୍ଦିର ଭାବେ ଏହା ସହରର ଶୋଭା ବଢାଉଛି ।
ରାଜଭବନ : ରାଜ୍ୟପାଳଙ୍କ ବାସଭବନ ଏକ ଉଚ୍ଚା ପାହାଡିଆ ସ୍ଥାନରେ ନିର୍ମିତ, ଯାହା ସହରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦର୍ଶାଏ ।
ଶିକ୍ଷା ଓ ସଂସ୍କୃତିର ପ୍ରାଣକେନ୍ଦ୍ର:
ଧୀରେ ଧୀରେ ଭୁବନେଶ୍ୱର ଓଡିଶାର ଶିକ୍ଷା ହବ୍ ପାଲଟିଲା । ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର), ଓୟୁଏଟି, ଏବଂ ପରବର୍ତୀ ସମୟରେ ଆଇଆଇଟି, ଏମ୍ସ ପରି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ସହରର ଗାରିମା ବୃଦ୍ଧି କଲେ ।
କଳା ଓ ସଂସ୍କୃତି : ଓଡିଶୀ ନୃତ୍ୟର ବିକାଶ ପାଇଁ ଏଠାରେ 'ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ' ଏବଂ 'ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲା ।
ସ୍ମାର୍ଟ ସିଟି ଓ ଆଧୁନିକ ରୂପାନ୍ତର:
୨୦୧୫ ମସିହାରେ ଭାରତ ସରକାରଙ୍କ 'ସ୍ମାର୍ଟ ସିଟି' ମିଶନରେ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିଲା । ଆଜିର ଭୁବନେଶ୍ୱରରେ ଇନ୍‌ଫୋସିଟି, ଟାଟା କନସଟାନ୍ସି (ଞଉଝ) ପରି କମ୍ପାନୀ ଯୋଗୁଁ ହଜାର ହଜାର ଯୁବକ ଯୁବତୀ ନିଯୁକ୍ତି ପାଉଛନ୍ତି ।
କ୍ରୀଡା ରାଜଧାନୀ : କଳିଙ୍ଗ ଷ୍ଟାଡିୟମ ଆଜି ବିଶ୍ୱ ହକିର ପେଣ୍ଠସ୍ଥଳୀ ପାଗଟିଛି ।
ପ୍ରତିବର୍ଷ ଏପ୍ରିଲ ୧୩ରେ ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ କରାଯାଏ ।
ପ୍ରାତଃ ସମୟ : ଭିତିପ୍ରସ୍ତର ସ୍ଥାପନ ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ ।
ପରେଡ୍ : ବିଭିନ୍ନ ସ୍କୁଲ ଓ ପୋଲିସ ବାହିନୀଙ୍କ ଦ୍ୱାରା ଆକର୍ଷଣୀୟ ପରେଡ୍ ।
ଭୁବନେଶ୍ୱର ସମ୍ମାନ : ପ୍ରତିବର୍ଷ ସହରର ବିକାଶ ଓ ସେବା କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଏ ।
ଜନସଂଖ୍ୟା ବୃଦ୍ଧି ସହିତ ଭୁବନେଶ୍ୱର ସମ୍ମୁଖରେ ଅନେକ ଆହ୍ୱାନ ମଧ୍ୟ ରହିଛି । ଜଳ ନିଷ୍କାସନ ସମସ୍ୟା, ବଢୁଥିବା ଉତାପ ଏବଂ ସହରୀକରଣ ଯୋଗୁଁ ଜଙ୍ଗଲ ହ୍ରାସ ଏକ ଚିନ୍ତାର ବିଷୟ । ଏହାକୁ ଦୂର କରିବା ପାଇଁ 'ବୃକ୍ଷ ରୋପଣ' ଏବଂ 'ସ୍ୱଚ୍ଛ ଭୁବନେଶ୍ୱର' ଅଭିଯାନରେ ନାଗରିକଙ୍କ ସହଭାଗିତା ଜରୁରୀ ।
ଉପସଂହାର: ଭୁବନେଶ୍ୱର କେବଳ ଏକ କୋଠାବାଡିର ସମାହାର ନୁହେଁ ଏହା ଓଡିଆ ଜାତିର ସ୍ୱାଭିମାନ ଓ ପ୍ରଗତିର ଚିହ୍ନ । ଏହା ପ୍ରାଚୀନ ଐତିହ୍ୟ ଏବଂ ଆଧୁନିକ ଜ୍ଞାନକୌଶଳର ଏକ ଅପୂର୍ବ ମିଶ୍ରଣ । ପ୍ରତିଷ୍ଠା ଦିବସ ଅବସରରେ ଆମେ ସମସ୍ତେ ଶପଥ ନେବା ଉଚିତ ଯେ, ଆମେ ଆମର ଏହି ସୁନ୍ଦର ରାଜଧାନୀକୁ ବିଶ୍ୱର ଶ୍ରେଷ୍ଠ ସହର ଭାବେ ଗଢି ତୋଳିବା । ଭୁବନେଶ୍ୱର ପ୍ରତିଷ୍ଠା ଦିବସର ଏକ ଐତିହାସକି ଯାତ୍ରା ।
ଉପକ୍ରମ : ଓଡିଶାର ଇତିହାସରେ ଏପ୍ରିଲ ୧୩ ତାରିଖ ଏକ ସ୍ୱର୍ଣ୍ଣାକ୍ଷରରେ ଲିଖିତ ଦିବସ । ୧୯୪୮ ମସିହାର ଏହି ଦିନରେ ଆଧୁନିକ ଭୁବନେଶ୍ୱରର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ପ୍ରାଚୀନ କାଳରୁ 'ଏକାମ୍ର କ୍ଷେତ୍ର' ଭାବେ ପରିଚିତ ଏହି ବିତ୍ର ଭୂମି ଆଜି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ମାର୍ଟ ସିଟି ଭାବରେ ଉଭା ହୋଇଛି ।
ଏତିହାସିକ ପୃଷ୍ଠଭୂମି : କଟକରୁ ଭୁବନେଶ୍ୱର
ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ୧୯୩୬ରେ ଗଠିତ ହେବା ପରେ ଏକ ସୁସଜ୍ଜିତ ରାଜଧାନୀର ଆବଶ୍ୟକତା ପଡିଥିଲା । ସେତେବେଳେ କଟକ ରାଜଧାନୀ ଥିଲା, କିନ୍ତୁ ସ୍ଥାନାଭାବ ଏବଂ ଭୌଗୋଳିକ ସୀମା ଯୋଗୁଁ ଏକ ନୂତନ ସହରର ପରିକଳ୍ପନା କରାଗଲା ।
ନିଷ୍ପତି : ୩୦ ସେପ୍ଟେମ୍ବର ୧୯୪୬ରେ ଓଡିଶା ବିଧାନସଭାରେ ରାଜଧାନୀ ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା ।
ସ୍ଥାନ ଚୟନ : ଭୁବନେଶ୍ୱରର ଉଚ୍ଚା ମାଳଭୂମି ଏବଂ ଏହାର ଐତିହାସକି ମହତ୍ୱ ପାଇଁ ଏହାକୁ ଚୟନ କରାଗଲା ।
ଭିତିପ୍ରସ୍ତର ସ୍ଥାପନ : ୧୯୪୮ ମସିହା ଏପ୍ରିଲ ୧୩ତାରିଖରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ସେ ସେଦିନ କହିଥିଲେ ଯେ ଏହି ସହର କେବଳ ରାଜନୈତିକ କେନ୍ଦ୍ର ହେବ ନାହିଁ, ବରଂ ଓଡିଶାର କଳା ଓ ସଂସ୍କୃତିର ପ୍ରତୀକ ହେବ ।
ସହରର ନକ୍ସା ଓ ସ୍ଥପତି - ଓଟୋ କୋନିଗ୍ସବର୍ଗର
ଜର୍ମାନ ସ୍ଥପତି ଓଟୋ କୋନଗ୍ସବର୍ଗର (**Otto Konigsberger**) ଭୁବନେଶ୍ୱରର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ । ସେ ସହରକୁ 'ଲିନିଅର ସିଟି' (ଖସଭରବକ୍ସ ଉସଷ୍ଟଛ) ଭାବେ ଗଢିବାକୁ ଚାହିଁଥିଲେ, ଯେଉଁଠାରେ ବ୍ୟବସାୟିକ ଅଂଚଳ, ଶାସନ କାଳ ଏବଂ ଜନବସତି ମଧ୍ୟରେ ଏକ ସନ୍ତୁଳନ ରହିବ ।
ଭୁବନେଶ୍ୱରର ବିକାଶ ପର୍ଯ୍ୟାୟ:
ଭୁବନେଶ୍ୱରର ବିକାଶକୁ ଆମେ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ଦେଖିପାରିବା:
ପ୍ରଥମ ପର୍ଯ୍ୟାୟ (୧୯୪୮ -୧୯୭୦) : ସଚିବାଳୟ, ବିଧାନସଭା ଏବଂ ରାଜଭବନ ଭଳି ପ୍ରଶାସନିକ କୋଠାର ନିର୍ମାଣ ।
ଦ୍ୱିତୀୟ ପର୍ଯ୍ୟାୟ (୧୯୭୦-୨୦୦୦) : ଶିକ୍ଷା ଓ ଶିଳ୍ପର ବିକାଶ । ବାଣୀବିହାର, ଓୟୁଏଟି ଏବଂ ବିଭିନ୍ନ ଶିଳ୍ପାଚଂଳର ପ୍ରତିଷ୍ଠା ।
ଆଧୁନିକ ପର୍ଯ୍ୟାୟ (୨୦୦୦-ବର୍ତମାନ) : ଆଇଟି ହବ୍, ମେଟ୍ରୋ ପ୍ରକଳ୍ପ ଏବଂ ସ୍ମାର୍ଟ ସିଟି ମାନ୍ୟତା ।
ମନ୍ଦିର ମାଳିନୀ ସହରର ସାଂସ୍କୃତିକ ପ୍ରଭାବ:
ଭୁବନେଶ୍ୱରର ଆତ୍ମା ଏହାର ମନ୍ଦିରମାନଙ୍କରେ ନିହିତ । ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର, ରାଜାରାଣୀ ଏବଂ ଧଉଳି ଶାନ୍ତିସ୍ତୂପ ଏହି ସହରକୁ ବିଶ୍ୱ ପର୍ଯ୍ୟଟନ ମାନିଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ପ୍ରତିଷ୍ଠା ଦିବସ ଅବସରରେ ଏହି ସବୁ ସ୍ଥଳଗୁଡିକୁ ଆଲୋକମାଳାରେ ସଜାଯାଇଥାଏ ।
କିଭଳି ପାଳିତ ହୁଏ ପ୍ରତିଷ୍ଠା ଦିବସ ?
ପ୍ରତିବର୍ଷ ଏପ୍ରିଲ ୧୩ରେ ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ଏବଂ ସରକାରଙ୍କ ତରଫରୁ ବହୁ ଆଡମ୍ବରରେ ଏହି ଉତ୍ସବ ପାଳନ କରାଯାଏ ।
ନାଗରିକ ପରେଡ୍ : ପିଏମଜି ଛକ ନିକଟରେ ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ଅନୁଷ୍ଠିତ ହୁଏ ।
ସମ୍ମାନ ; ଓଡିଶାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ 'ଭୁବନେଶ୍ୱର ସମ୍ମାନ'ରେ ସମ୍ମାନିତ କରାଯାଏ ।
ସାଂସ୍କୃତିକ ସନ୍ଧ୍ୟା : ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଓଡିଶୀ ନୃତ୍ୟ ଓ ସଙ୍ଗୀତର ଆସର ଜମେ ।
ଭୁବନେଶ୍ୱର କେବଳ ପ୍ରଶାସନିକ କେନ୍ଦ୍ରହୋଇ ରହିନାହିଁ । ଏହା ହକି ବିଶ୍ୱକପ ଭଳି ଆନ୍ତର୍ଜାତୀୟ ଇଭେଂଟର ସଫଳର ଆୟୋଜକ । ଆଇଆଇଟି, ଏମସ, ନାଇଜର ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଏଠାରେ ଅବସ୍ଥିତ । ଏହାର ପ୍ରଶସ୍ତ ରାସ୍ତା ଏବଂ ପାର୍କ ସହରକୁ ଏକ ସୁନ୍ଦର ରୂପ ଦେଇଛି । ଭୁବନେଶ୍ୱର ପ୍ରତୀଷ୍ଠା ଦବିସ କେବଳ ଏକ ତାରିଖ ନୁହେଁ ବରଂ ଏହା ଓଡିଆ ଜାତିର ସ୍ୱପ୍ନ ଓ ସମାର୍ଥର ପ୍ରତୀକ । ୭୮ବର୍ଷର ଏହି ଯାତ୍ରାରେ ସହରଟି ଅନେକ ପରିବର୍ତନ ଦେଖିଛି କିନ୍ତୁ ଏହାର ସାଂସ୍କୃତିକ ମୂଲ୍ୟବୋଧ ଅପରିବର୍ତିତ ରହିଛି । ଆମ ସମସ୍ତଙ୍କ ଦାୟିତ୍ୱ ହେଉଛି ଏହି ସହରର ସ୍ୱଚ୍ଛତା ଓ ଗାରିମାକୁ ବଜାୟ ରଖିବା ।
ଜୟ ଭୁବନେଶ୍ୱର ! ଜୟ ଜଗନ୍ନାଥ !

*ସମ୍ମାନ ଭବନ,ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋ-୯୪୩୭୯୯୪୩୭୯*

# ମହାପୁରୁଷ ଅଚ୍ୟୁତାନନ୍ଦ ଓ ମାଳିକା

◆ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

କବି ଅଚ୍ୟୁତାନନ୍ଦ ଜଣେ ବହୁଦର୍ଶୀ ଦାର୍ଶନିକ ଓ ପଣ୍ଡିତ ଥିଲେ । ସର୍ବୋପରି ସେ ଥିଲେ ଜଣେ ମହାନ ସନ୍ଥକବି, ଧର୍ମ ପ୍ରଚାରକ, ସମାଜ ସଂସ୍କାରକ ଓ ଭବିଷ୍ୟତ ଦ୍ରଷ୍ଟା । ସେ ଗୀତା ସଂହିତା, ଟୀକା, କଳ୍ପ, ଯନ୍ତ୍ର, ମାଳିକା ଆଦି ରଚନା ଗୁଡ଼ିକରେ ଦର୍ଶନ ତ□ର ଜଟିଳତାକୁ ସୁଗମ ଭାବରେ ଉପସ୍ଥାପନ କରିଛନ୍ତି । ମାଳିକା ପାଇଁ ଅଚ୍ୟୁତାନନ୍ଦ ଓଡ଼ିଶାର ପୁରପଲ୍ଲୀରେ ଅତିପ୍ରିୟ ଓ ପରିଚିତ । ଅନେକ ମାଳିକାକୁ ମିଥ୍ୟା କଳ୍ପନା ବୋଲି କହିଥାନ୍ତି । ମାତ୍ର ଅଦ୍ଭୁତ ଭାବରେ ବ□ମାନ ସେ ସବୁରୁ ଅନେକ କଥା ଅବିକଳ ଭାବରେ ଘଟି ଯାଉଥିବାରୁ ମାଳିକା ପ୍ରତି ଜନସାଧାରଣଙ୍କର ବିଶ୍ୱାସ ବୃଦ୍ଧି ପାଉଛି ।ଓଡ଼ିଆ ସନ୍ଥ ମାନଙ୍କ ରଚନାରେ ମାଳିକା ଏକ ଅପୂର୍ବ ସୃଷ୍ଟି । ମାଳରେ ଫୁଲ ବା ମାଳି ଗୋଟି ଗୋଟି ଗୁନ୍ଥା ହେବା ଭଳି ମାଳିକାରେ ଭବିଷ୍ୟବାଣୀ ଗୁଡ଼ିକ ସଜ୍ଜିତ ହୋଇ ବର୍ଣ୍ଣନା କରାଯାଇଛି । ଅଚ୍ୟୁତାନନ୍ଦଙ୍କ ମାଳିକା ଏକ ସୁସ୍ଥ ସମାଜ ଗଠନ ପାଇଁ ସତର୍କବାଣୀ । ଲୋକ ମାନଙ୍କୁ ପଙ୍କିଳ ସଂସାର ଭିତରୁ ଉଦ୍ଧାର କରିବା ପାଇଁ ମହାପୁରୁଷ ପ୍ରୟାସ କରିଛନ୍ତି । ସମାଜରେ ଧର୍ମ ନାମରେ ଭ୍ରଷ୍ଟାଚାର, କୁକାର୍ଯ୍ୟ ପ୍ରଭୃତିକୁ ସେ ଦୃଢ଼ ଭାବରେ ନିନ୍ଦା କରିଛନ୍ତି । ବିଶେଷକରି ଶୁଦ୍ରଜାତି ଓ ମହିଳା ମାନଙ୍କ ଉତାନ ପାଇଁ ତାଙ୍କ ପ୍ରଚେଷ୍ଟା, ତାଙ୍କ ରଚନା ମାଳିକାରେ ଦେଖିବାକୁ ମିଳେ । ସମାଜକୁ ଅନ୍ୟାୟ ଓ ଅନୀତି ଦାଉରୁ ରକ୍ଷା କରିବା ପାଇଁ ତଥା ସତର୍କ କରିବା ପାଇଁ ତାଙ୍କ ରଚିତ ମାଳିକା ଏକ ସଫଳ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ଭାଷାରେ 'ଗୃହସ୍ଥ ଭାରିଯା ଛାଡ଼ିବେ, ପେଟ ନ ପୂରି ବୁଲୁଥିବେ । ପରଜା ଧନ ରାଜା ନେବେ, ନିର୍ଦ୍ଦୟ ହୃଦେଶ ମାରିବେ । ଗୁରୁଙ୍କୁ ଶିଷ୍ୟ ଅବିଶ୍ୱାସ, ପିତା ପୁତ୍ରକୁ ଦେବ ବିଷ ।' (ଗୁରୁଭକ୍ତି ଗୀତା) ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଯୋଗସିଦ୍ଧି ଓ ଦୂରଦୃଷ୍ଟି ବଳରେ ଆଗତ ଭବିଷ୍ୟତ ପ୍ରତ୍ୟକ୍ଷ କରି ସମାଜକୁ ବିପର୍ଯ୍ୟୟରୁ ସୁଧାରିବା ପାଇଁ ସହଜ ବୋଧଗମ୍ୟ ବୋଲି ମାଧ୍ୟମରେ ମାଳିକା ଉପସ୍ଥାପନ କରିଛନ୍ତି । ସେହିପରି ଓଡ଼ିଶାର ବହୁ ସନ୍ଥକବି ବଳରାମ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ଓ ଅଭିରାମ ପରମହଂସ ପ୍ରମୁଖ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମାଳିକା ସୃଷ୍ଟି କରିଯାଇଛନ୍ତି । ଅନେକ ମାଳିକାକୁ ଦେବବାଣୀ ବୋଲି ମନେ କରିଥାନ୍ତି । ବାସ୍ତବରେ ଅଚ୍ୟୁତାନନ୍ଦଙ୍କ ମାଳିକାକୁ ସର୍ବଶ୍ରେଷ୍ଠ ଭାବରେ ପରିଗଣିତ କରାଯାଏ । ଅଚ୍ୟୁତାନନ୍ଦଙ୍କର ଏହି ମାଳିକାଗ୍ରନ୍ଥ କଳି ଯୁଗ ମାଳିକା, ଜାଇଫୁଲ ମାଳିକା ଓ ଦଶପଟଳ ମାଳିକା ଇତ୍ୟାଦି ନାମରେ ବର୍ଣ୍ଣିତ । କଳି ଯୁଗ ମାଳିକାସ୍ଥ ପ୍ରଥମ ବୋଲିରେ କବି ପ୍ରକାଶ କରିଛନ୍ତି ଯେ ଘୋର କଳିକାଳ ଆଗମନରେ ଦୁଷ୍ଟଗଣ ଅଜ୍ଞାନରେ ମାତିବେ ଓ ଭକ୍ତମାନଙ୍କୁ ନିନ୍ଦା କରିବେ । ଏହି ସମୟରେ କବି ନିଜେ ପଦ୍ମବନରେ ରହି ଲୀଳା ଦର୍ଶନ କରିବେ । ଦୁଷ୍ଟ ଲୋକଙ୍କୁ ସଂହାର କରିବା ପାଇଁ ମହାମାୟୀ ଖର୍ଗର ଦାରଣ କରିବେ, ଭୈରବୀ ଡାକିବେ, ଲୋକମାନେ




ଭୈରବୀ ଡାକରେ ଭୟଭୀତ ହୋଇ ଅସ୍ଥିର ହେବେ । ଏପରି ଦୁର୍ଦ୍ଦିନ ସମୟରେ ଯେଉଁମାନେ ଏକାକ୍ଷର ମନ୍ତ୍ର ଜପ କରୁଥିବେ ସେମାନେ ସୁଖ ଲାଭ କରିବେ । କବିଙ୍କ ଭାଷାରେ 'ଏକାକ୍ଷର ମନ୍ତ୍ର ଜପ ଯେଉଁ ମାନଙ୍କର, ଆନନ୍ଦ ହୋଇବେ ଲୀଳା ଦେଖିବେ ପ୍ରଭୁର । ଅତି ସୁଖେ ଦିନ ନେବେ ଦୁଃଖ ଥିଲେପାଇ, ଅଚ୍ୟୁତ ଗୀତ ଯୋଡ଼ି ପଦ୍ମପାଦ ଧ୍ୟାୟୀ ।' 'ଜାଇଫୁଲ ମାଳିକା' ବୋଲିରେ କବି ରାମଦାସଙ୍କ ଆଗରେ କଳି ଜନ୍ମ ପ୍ରସଙ୍ଗ ଦର୍ଶାଇଛନ୍ତି, କଳି ଜନ୍ମ ହେବାବେଳେ ମିଥ୍ୟା, ପାପ, ହିଂସା, ଦ୍ୱନ୍ଦ, କପଟ, ଅନ୍ୟାୟ, ଅନାଚାର ଆଦିକୁ ସଂଗରେ ଧରି ଆସିଛନ୍ତି । କେବଳ ଏତିକି ନୁହେଁ ଆସିଲା ବେଳେ ଅଧର୍ମ, କ୍ରିୟାହୀନ, ଲଂପଟ, ପରଶ୍ରୀକାତରତା, ଅଳସ, କୃପଣ, କ୍ରୋଧ, ନିଷ୍ଠୁର, ଅଜ୍ଞାନ, ଲୋଭ, ମୋହ ଇତ୍ୟାଦି ପାରିଷଦ ମାନଙ୍କୁ ସଙ୍ଗରେ ଆଣି କଳି ରାଜତ୍ୱ କରୁଛନ୍ତି । ଏମାନଙ୍କ ଯୋଗୁ କଳିଯୁଗରେ ଲୋକମାନେ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ କବି ପ୍ରଥମେ ସଦ୍‌ଗୁରୁ ସେବା ମାହାତ୍ମ୍ୟ ଦର୍ଶାଇ କହିଛନ୍ତି - 'ସଦ୍‌ଗୁରୁ ନାମସ୍ମରଣ ତେବେ ଭବସିନ୍ଧୁ ହୋଇବୁପାର ଲୋ ଜାଇଫୁଲ, ବେଗେ ଲଙ୍ଘୁଳି ସାଧନକର ।' ଆଗତ ଭବିଷ୍ୟତ ମାଳିକାରେ ଅଚ୍ୟୁତାନନ୍ଦ କଳିଯୁଗର ଆଗତ ଭବିଷ୍ୟବାଣୀକୁ ଉଲ୍ଲେଖ କରିଛନ୍ତି । ଘୋର କଳିଯୁଗ ଆଗମନରେ ଘୋର ବିଭ୍ରାଟ ସୃଷ୍ଟି ହେବ । ଦୁଷ୍ଟ ଅଜ୍ଞାନମାନେ ମାତିଯିବେ । ସେ ନିଜେ ନେମାଳ ଗ୍ରାମରେ ରହି ଏପରି ଲୀଳା ଦର୍ଶନ କରିବେ । 'ନଳିନ ବନ ଲୁଚିଛି ନେମାଳ ଗ୍ରାମରେ, ଲୀଳା ପ୍ରକାଶିବ ଆଦ୍ୟ ସେହି ଯେ ଠାବରେ । ନାଶ ଯିବେ ଦୁଷ୍ଟଲୋକ ହେବ ହାଣଗୋଳ, ଲୀଳା ଦେଖୁଥିବ ବସି ଅଚ୍ୟୁତ ପାମର ।' ଦଶପଟଳ ମାଳିକାରେ ଧର୍ମ ସମ୍ବନ୍ଧୀୟ ବହୁ ଉଦାରବାଦ ଏଥିରେ ପ୍ରକାଶ କରିଛନ୍ତି । ପ୍ରତିଯୁଗରେ ପଂଚ□ସଖାଙ୍କ ଆବିର୍ଭାବ ପ୍ରସଙ୍ଗ ଏଥିରେ ବର୍ଣ୍ଣନା କରି ଏହି ପ□ସଖାଙ୍କ ରଚିତ ଶ୍ରବଣ କଲେ ସର୍ବ ଦୁଃଖ ଦୂର ହୋଇଯାଏ ବୋଲି କବି ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ 'ପଂଚ□ସଖାଙ୍କର ଜନ୍ମ ରଚିତ, ଶ୍ରବଣେ ନାଶ ହୁଅଇ ଦୂରିତ ।' କବି ମାଳିକା ଗ୍ରନ୍ଥରେ ଉତ୍କଳର ବହୁ ଭବିଷ୍ୟତ ସୂଚନା ପ୍ରଦାନ କରିଛନ୍ତି । ଅବଶ୍ୟ ଏକଥା ସତ ଯେ ଯଦିଓ ମୂଳଗ୍ରନ୍ଥଟି ଅଚ୍ୟୁତାନନ୍ଦଙ୍କ ଦ୍ୱାରା ରଚିତ ପରେ କିନ୍ତୁ ଏହି ଗ୍ରନ୍ଥରେ ବହୁ ବିଷୟ ଯୋଗ ହୋଇ ପ୍ରଚାର ଲାଭ କରିଥିବା କଥା ସ୍ପଷ୍ଟ ଅନୁମିତ ହୁଏ । ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ହେଉଛନ୍ତି ମାଳିକା ସାହିତ୍ୟର ପ୍ରାଣକେନ୍ଦ୍ର । ଏଥିରେ ଶ୍ରୀ ଜଗନ୍ନାଥଙ୍କର କଲ୍‌କୀ ଲୀଳା ଓତଃପ୍ରୋତ ଭାବେ ଜଡ଼ିତ । ସମାଜ ସଂସ୍କାର ପାଇଁ ମାଳିକାର ଦାନ ଅତୁଳନୀୟ । ଶୂନ୍ୟ ପୋଥିରେ ଏବେ ବି ମାଳିକା ଲେଖା ଚାଲିଛି । ଅତୀତ, ବର୍ତମାନ ଓ ଭବିଷ୍ୟତ ବିଷୟରେ ଭକ୍ତମାନଙ୍କର ପ୍ରଶ୍ନର ସମାଧାନ ପୋଥିରୁ ମିଳୁଛି । ଶୂନ୍ୟ ପୁରୁଷ ଶୂନ୍ୟରେ ରହି ଭକ୍ତମାନଙ୍କ ପାଇଁ ଭବିଷ୍ୟବାଣୀ ପୋଥିରେ ଲେଖି ମନାସୁଥିବା ପ୍ରଶ୍ନର ଉ□ର ଲେଖି ଦେଉଛନ୍ତି । ମାତ୍ର ଯେଉଁମାନେ ଏହି ପୋଥିକୁ ପାଇ ବ୍ୟବସାୟ କରି ଲାଭବାନ ହେବାକୁ ପ୍ରୟାସ କରୁଛନ୍ତି ଦଣ୍ଡିତ ହେଉଛନ୍ତି । ସେଥିପାଇଁ ବେଳ ହୁଁ ସାବଧାନ ହେବା ପାଇଁ ଅଚ୍ୟୁତାନନ୍ଦ ସତର୍କ କରାଇ ଲେଖିଛନ୍ତି 'ହରିଗୁଣ ମିଶାଇବା ନୁହଇ ସହଜ, ହେଜାଇ କହେ ଅଚ୍ୟୁତ ବାଂଧ ମ□ଗତ । ଲୋକ ନକରିବୁ ବାବୁ ଗୁପତେ ରହିବୁ, କ୍ଷିତି ମଧ୍ୟେ କାଲ ଜଡ଼ା ପ୍ରାୟ ରହିଥିବୁ, ଛାଡ଼ିବ ଗାରିମା ତୋର ହୋଇବ ନିର୍ମଳ, ଛାର ଅଚ୍ୟୁତ ଦାସର ଏହି ଭାବ ମୂଳ ।'

*ପ୍ଲଟ ନଂ : ୧୦୮୨/ଡି, ସେକ୍ଟର-୬, ସିଡିଏ, କଟକ, :୯୮୬୧୩୫୫୬୨୮*

# ପରିମାଣ ନୁହେଁ, ପସନ୍ଦ ଏବେ ନବସୃଜନ: ବିଶ୍ୱ ବାୟୋଫାର୍ମା ହବ ହେଉଛି ଭାରତ



ଜଗତ ପ୍ରକାଶ ନଡ୍ଡା

ବିଶ୍ୱ ଫାର୍ମାସ୍ୟୁଟିକାଲ୍ ଦୃଶ୍ୟପଟ୍ଟରେ, ବର୍ତ୍ତମାନ ମୋଟ ରାଜସ୍ୱର ୪୦ ପ୍ରତିଶତରୁ ଅଧିକ ଭାଗ କେବଳ ବାୟୋଲୋଜିକ୍ସ, ବାୟୋସିମିଲାର୍ସ ଏବଂ ସ୍ପେସିଆଲିଟି ଡ୍ରଗ୍ସରୁ ଆସୁଛି । ଜେନେରିକ୍ ଔଷଧ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ଯୋଗୁଁ ଭାରତ ଦୀର୍ଘ ଦିନ ଧରି 'ବିଶ୍ୱର ଔଷଧାଗାର' ଭାବରେ ପରିଚିତ । ତେବେ ବର୍ତ୍ତମାନ ଭାରତୀୟ ଫାର୍ମାସ୍ୟୁଟିକାଲ୍ ଶିଳ୍ପ କେବଳ ପରିମାଣ ବା 'ସ୍କେଲ୍' ନୁହେଁ, ବରଂ 'ନବସୃଜନ' ବା ଇନୋଭେସନ୍ ଦିଗରେ ନିଜର ଗତିପଥ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହେଉଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ସରକାର ଏକ ଦୂରଦୃଷ୍ଟିସମ୍ପନ୍ନ ନୀତି ପ୍ରଣୟନ କରୁଛନ୍ତି, ଯାହାଫଳରେ ଜେନେରିକ୍ କ୍ଷେତ୍ରରେ ନିଜର ସାମର୍ଥ୍ୟ ବଜାୟ ରଖିବା ସହିତ ଭାରତ ଏହି ନୂତନ ଏବଂ ବିକଶିତ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏକ ବଡ଼ ଅଂଶ ହାସଲ କରିପାରିବ । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଘୋଷଣା କରାଯାଇଥିବା ୧୦,୦୦୦ କୋଟି ଟଙ୍କାର 'ମିଶନ ବାୟୋଫାର୍ମା ମାନୁଫ୍ୟାକ୍ଚରିଂ ଶକ୍ତି' ଏହି ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ । ଏହା ଆଗାମୀ ୮ ରୁ ୧୦ ବର୍ଷ ମଧ୍ୟରେ ବାୟୋଫାର୍ମା ନବସୃଜନ ଏବଂ ଉଚ୍ଚ-ମୂଲ୍ୟଯୁକ୍ତ ଚିକିତ୍ସା କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବରେ ଗଢ଼ି ତୋଳିବା ପାଇଁ ଦେଶର ସଂକଳ୍ପକୁ ଦର୍ଶାଉଛି । ଏହି ପରିକଳ୍ପନା ଦେଶର ଗଭୀର ବୈଜ୍ଞାନିକ ଦକ୍ଷତା ନିର୍ମାଣକୁ ପ୍ରୋତ୍ସାହନ ଯୋଗାଇବ, ନବାଚାରଧର୍ମୀ ଉଦ୍ୟୋଗୀମାନଙ୍କୁ ପ୍ରଭାବିତ କରିବ ଏବଂ ପରବର୍ତ୍ତୀ ପିଢ଼ିର ଔଷଧ ପ୍ରସ୍ତୁତକାରୀ ଭାବରେ ଭାରତକୁ ଉଭା କରିବା ଦିଗରେ ମଧ୍ୟ ସହାୟକ ହେବ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ବାୟୋଲଜିକ୍ସ ଏବଂ ବାୟୋସିମିଲାର୍ସ କ୍ଷେତ୍ରରେ ଘରୋଇ କ୍ଷମତା ବୃଦ୍ଧି କରିବା ଏବଂ ଅତ୍ୟାଧୁନିକ ଉପଶମ ବ୍ୟବସ୍ଥାର ବିକାଶ ଘଟାଇବା । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଫାର୍ମାସିଉଟିକାଲ୍ସ ବିଭାଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ବାୟୋପ୍ରଯୁକ୍ତି ବିଭାଗ ଭଳି ଉପକ୍ରମ ସହିତ ତାଳଦେଇ ଫାର୍ମା ମେଡିଟେକ୍ କ୍ଷେତ୍ର (ପି.ଆର.ଆଇ.ପି.), ଗବେଷଣା ଏବଂ ନବାଚାର ଯୋଜନା, ବାୟୋନେଷ୍ଟ ଆଦି କ୍ଷେତ୍ରରେ ଗବେଷଣା ଏବଂ ନବାଚାରକୁ ପ୍ରୋତ୍ସାହନ ଯୋଗାଇବା । ଏହା ଜୀବ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଏବଂ ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବ ଏବଂ ସେଥି ମଧ୍ୟରେ ବାୟୋ ଫାର୍ମାସିଉଟିକାଲ୍ସ କ୍ଷେତ୍ର ମଧ୍ୟ ସାମିଲ । ଏହିସବୁ ଗବେଷଣା ଓ ବିକାଶ ଉପକ୍ରମ ଭାରତର ନବାଚାର ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ସକାଶେ ଡିଜାଇନ କରାଯାଇଛି ଯାହାକି ଶିଳ୍ପ- ଶୈକ୍ଷିକ ସହଭାଗିତାକୁ ପ୍ରୋତ୍ସାହନ ଯୋଗାଇବ ଏବଂ ଜେନେରିକ୍ ଔଷଧକୁ ନବାଚାର ପ୍ରେରିତ ନୂତନ ପିଢ଼ିର ଔଷଧ ଆବିଷ୍କାର ଏବଂ ବିକାଶ ନିମନ୍ତେ ପ୍ରେରିତ କରିବ । ଏହି ରଣନୀତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଲା ପାଚନ ପ୍ରକ୍ରିୟା ଆଧାରିତ ଉତ୍ପାଦନ କ୍ଷମତାର ବିକାଶ । ଆଂଟିବାୟୋଟିକ୍ସ, ପ୍ରତିଷେଧକ ଟୀକା, ଏନଜାଇମ ଏବଂ ବାୟୋଲୋଜିକ୍ସ ଉତ୍ପାଦନ ନିମନ୍ତେ ଏହାର ଢେର୍ ଗୁରୁତ୍ୱ ରହିଥିବା ସତ୍ତ୍ୱେ, ଏହି କ୍ଷେତ୍ର ଦୀର୍ଘ ବର୍ଷ ଧରି ଆମଦାନୀ ଉପରେ ହିଁ ଅଧିକ ମାତ୍ରାରେ ନିର୍ଭରଶୀଳ ରହିଆସିଥିଲା । ତେଣୁ ବର୍ତ୍ତମାନ ଏହି ସଂସାଧନରେ ପୁଞ୍ଜି ନିବେଶ କରି, ପ୍ରଯୁକ୍ତିର ବିକାଶ ଏବଂ ହସ୍ତାନ୍ତରଣ ନିମନ୍ତେ ଆବଶ୍ୟକ ସୁବିଧା ପ୍ରଦାନ ଏବଂ ଲକ୍ଷ୍ୟ ଆଧାରିତ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ, ଭାରତ ନିଜର ଘରୋଇ କ୍ଷମତା ନିର୍ମାଣ ସକାଶେ ସଂକଳ୍ପ ଗ୍ରହଣ କରି ଏହି ରଣନୀତିକ କ୍ଷେତ୍ରରେ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ କ୍ଷମତା ବୃଦ୍ଧି କରିଚାଲିଛି । ଭାରତର କ୍ଲିନିକାଲ ଗବେଷଣା ବାତାବରଣର ସମ୍ପ୍ରସାରଣ ମଧ୍ୟ ଅନୁରୂପ ଭାବରେ ଗୁରୁତ୍ୱପୂର୍ଣ୍ଣ । ଦେଶରେ ସ୍ଥାପିତ ହେବାକୁ ଥିବା ୧,୦୦୦ ସ୍ୱୀକୃତିପ୍ରାପ୍ତ କ୍ଲିନିକାଲ ପରୀକ୍ଷଣ ସ୍ଥଳୀ ନିର୍ମାଣ କରାଗଲେ ଏହା ଭାରତକୁ ବୈଶ୍ୱିକ ଔଷଧ ବିକାଶକାରୀ ଲକ୍ଷ୍ୟସ୍ଥଳୀ ତାଲିକାରେ ଅଗ୍ରଣୀ ଭାବରେ ଉପସ୍ଥାପନ କରିବାରେ ସହାୟକ ହେବ । ଆର୍ଥିକ ସୁଲଭତା ତଥା କ୍ରମବର୍ଦ୍ଧିଷ୍ଣୁ କୁଶଳ ଅନୁସନ୍ଧାନକାରୀମାନଙ୍କ ସହିତ ଭାରତ ସକ୍ରିୟ ତଥା ଉଚ୍ଚ ଗୁଣାତ୍ମକ ମାନଯୁକ୍ତ କ୍ଲିନିକାଲ ପରୀକ୍ଷଣ ନିମନ୍ତେ ଅତୁଳନୀୟ ସୁଯୋଗ ପ୍ରଦାନ କରେ । ସେହିଭଳି, ନିୟାମକ ଢାଂଚାକୁ ମଜଭୁତ କରି ଏବଂ ଆନୁଷ୍ଠାନିକ ଦକ୍ଷତାକୁ ସମ୍ପ୍ରସାରିତ କରିବା ଫଳରେ ଭାରତ ବୈଶ୍ୱିକ ବେଂଚମାର୍କ ସହିତ ନିଜକୁ ସମାଯୋଜିତ କରିପାରିବ । ଏହା ମଞ୍ଜୁରୀ ପ୍ରଦାନ ବ୍ୟବସ୍ଥାକୁ ତ୍ୱରିତ କରିବ ଯାହା ଫଳରେ ବୈଶ୍ୱିକ ହିତଧାରକମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବିଗତ କିଛି ବର୍ଷ ମଧ୍ୟରେ, ଭାରତ ଏକ୍ଟିଭ ଫାର୍ମାସ୍ୟୁଟିକାଲ୍ ଇନଗ୍ରେଡିଏଂଟ୍ସ (ଏ.ପି.ଆଇ.) ଏବଂ ପ୍ରମୁଖ ଷ୍ଟାର୍ଟିଂ ସଂସାଧନ (କେ.ଏସ.ଏମ.)କ୍ଷେତ୍ରରେ ସ୍ଥାନୀୟ ଭାବରେ ଦ୍ରୁତ ପ୍ରଗତି ହାସଲ କରିଛି । ଏଥି ସହିତ ପି.ଏଲ.ଆଇ. ଏବଂ ବଲକ ଡ୍ରଗ୍ ପାର୍କ ଯୋଜନା ଭଳି ବ୍ୟବସ୍ଥା ଏହାକୁ ସହାୟକ ହୋଇଛି । ଏହା ଫଳରେ ଦେଶରେ ଔଷଧର ମୂଲ୍ୟ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି, ଯାହାକି ସାରା ବିଶ୍ୱରେ ସର୍ବନିମ୍ନ ବୋଲି ଜଣାପଡ଼ିଛି । ପରିଣାମତଃ ଦେଶର ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁଲଭ ହୋଇପାରିଛି । ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନାର ପରିସରକୁ ବୃଦ୍ଧି କରାଯାଇ ବର୍ତ୍ତମାନ ଜେନେରିକ୍ ଔଷଧକୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯାଉଛି । ସାରା ଦେଶରେ ୧୯,୦୦୦ରୁ ଅଧିକ ଜନ ଔଷଧି କେନ୍ଦ୍ର କୋଟି କୋଟି ଲୋକଙ୍କୁ ଏହି ସେବା ଯୋଗାଇ ଆସୁଛନ୍ତି । ଅତିରିକ୍ତ ବ୍ୟବସ୍ଥା, ଯେଉଁଥିରେ ଜଟିଳ ଚିକିତ୍ସା ଯଥା କ୍ୟାନସର ଏବଂ ବିରଳ ରୋଗର ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ ଉପରେ ବହିଃଶୁଳ୍କ ମାତ୍ରାର ସୁସଂଗତିକରଣ କରାଯାଇଛି ଏବଂ ଏହା ଜୀବନ ରକ୍ଷାକାରୀ ଚିକିତ୍ସା ନିମନ୍ତେ ଔଷଧ ଉପଲବ୍ଧତାକୁ ସହଜସାଧ୍ୟ କରିଛି । ଅତ୍ୟାଧୁନିକ ଉପଚାର ବ୍ୟବସ୍ଥା ଯେତେବେଳେ ବ୍ୟାପକ ହେବାରେ ଲାଗିଛି, ଏହା ସୁଲଭତାକୁ ସୁନିର୍ଶ୍ଚିତ କରିବା ସହିତ ସମସ୍ତଙ୍କ ନିମନ୍ତେ ଏହାର ଉପଲବ୍ଧତାକୁ ଏହି ନୀତିର କେନ୍ଦ୍ରବିନ୍ଦୁ ଭାବରେ ରଖାଯାଇଛି । ଶିଳ୍ପର କ୍ରମାଗତ ବିକାଶ ସହିତ ଭାରତ କେବଳ ପ୍ରତିଷ୍ଠିତ ବଜାରରେ ନୁହେଁ, ବରଂ ନୂତନ ଉଦ୍ଭାବନ-ଭିତ୍ତିକ କ୍ଷେତ୍ରଗୁଡ଼ିକରେ ମଧ୍ୟ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଏହି ପରିବର୍ତ୍ତନ ପାଇଁ ବିଭିନ୍ନ ସଂସ୍କାର ମୁଖ୍ୟ ଭୂମିକା ଗ୍ରହଣ କରୁଛି । ନିୟାମକ ପ୍ରକ୍ରିୟାର ସମନ୍ୱୟ, ଅନୁମୋଦନ ପ୍ରକ୍ରିୟାର ଡିଜିଟାଲାଇଜେସନ୍ ଏବଂ ଶୀଘ୍ର ମଞ୍ଜୁରୀ ମିଳିବା ଦ୍ୱାରା ବ୍ୟବସାୟ କରିବା ସହଜ ହେଉଛି । ଏହା ସହିତ ଗୁଣବତା ବଜାୟ ରଖିବା ଏବଂ ନିୟମାବଳୀକୁ କଠୋର କରିବା ଦ୍ୱାରା ଭାରତୀୟ ଔଷଧ ଉପରେ ବିଶ୍ୱସ୍ତରୀୟ ଭରସା ବୃଦ୍ଧି ପାଉଛି । ତଥାପି, ଗବେଷଣା ଓ ବିକାଶ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି କରିବା ଏବେ ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି । ଦୀର୍ଘକାଳୀନ ନବସୃଜନ ବା ଇନୋଭେସନକୁ ବଜାୟ ରଖିବା ପାଇଁ ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟରେ ଅଧିକ ସହଯୋଗର ଆବଶ୍ୟକତା ରହିଛି । ଭବିଷ୍ୟତକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ନୀତିଗତ ସମର୍ଥନ, ପ୍ରଯୁକ୍ତିଗତ ପ୍ରଗତି ଏବଂ ବଜାର ସୁଯୋଗ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ର ନିମନ୍ତେ ଏକ ଅଭିନବ ବିକାଶ ବାତାୟନ ଉପସ୍ଥାପନ କରେ । ଭାରତର ଘରୋଇ ବଜାର, ଯାହାକି ବର୍ତ୍ତମାନ ୪ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିସାରିଛି ଖୁବ୍ ଶୀଘ୍ର ଏଥିରେ ଅଧିକ ସମ୍ପ୍ରସାରଣ ଘଟିବାକୁ ଯାଉଛି । ଆଗାମୀ ଏକ ଦଶନ୍ଧି ମଧ୍ୟରେ, ଜେନେରିକ୍ସ କ୍ଷେତ୍ରରେ ଭାରତ କେବଳ ନେତୃତ୍ୱ ଗ୍ରହଣ କରିବାର ଏକ ସୁଦୃଢ଼ ସ୍ଥିତିରେ ପହଂଚିବ ନାହିଁ, ଅପର ପକ୍ଷେ, ଔଷଧ କ୍ଷେତ୍ରରେ ନବାଚାର, ପଚନ ଆଧାରିତ ଉତ୍ପାଦ ଏବଂ ପରବର୍ତ୍ତୀ ପିଢ଼ିର ଉପଶମ ବ୍ୟବସ୍ଥାରେ ଏକ ଶକ୍ତିକେନ୍ଦ୍ର ଭାବରେ ମୁଣ୍ଡ ଟେକିବାକୁ ଯାଉଛି । ପରିଶେଷରେ ଭାରତର ଫାର୍ମାସ୍ୟୁଟିକାଲ୍ କ୍ଷେତ୍ର ବର୍ତ୍ତମାନ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିବାକୁ ଯାଉଛି ଯାହାକି ନବାଚାର, ସହନଶୀଳତା ଏବଂ ବୈଶ୍ୱିକ ପ୍ରତିଯୋଗିତା ଉପରେ ଆଧାରିତ । ଏହା ପଛରେ ବାୟୋଫାର୍ମା ଶକ୍ତି କାର୍ଯ୍ୟକ୍ରମ, କ୍ଲିନିକାଲ ସଂସାଧନ ଏବଂ ଲକ୍ଷ୍ୟ ଆଧାରିତ ଉତ୍ପାଦନ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି । ଏହିସବୁ ନୂତନ ପ୍ରେରକ ଶକ୍ତି ସହିତ ଭାରତ ବର୍ତ୍ତମାନ ଦୃଢ଼ତାର ସହ ପରିଣାମ ପ୍ରେରିତ ଜେନେରିକ୍ସ ପେଣ୍ଟସ୍ଥଳୀ ଠାରୁ ଏକ ଉଚ୍ଚ ମାନଯୁକ୍ତ ବାୟୋଫାର୍ମା ନବାଚାର ନେତୃତ୍ୱ ପର୍ଯ୍ୟାୟକୁ ପର୍ଯ୍ୟାନ୍ତରୀତ ହେବାକୁ ଆରମ୍ଭ କରିଛି । ଏହି ପର୍ଯ୍ୟାନ୍ତରଣ ବୈଶ୍ୱିକ ସ୍ୱାସ୍ଥ୍ୟସେବାକୁ ମଜଭୁତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟାପକ ଭାବରେ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ନିମନ୍ତେ ସହାୟକ ହେବ ।

***(ଲେଖକ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରୀ)***

# ବନ୍ଦନୀୟ ବରପୁତ୍ର ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ

ଯାଜପୁର(ନିପ୍ର): ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ 'ବନ୍ଦନୀୟ ବରପୁତ୍ର' ଶୀର୍ଷକ ଏକ ଦିନିଆ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଓଡ଼ିଶାର ତଥା ଯାଜପୁର ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଏବଂ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା । ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନର ଗାଥାକୁ ମନେ ପକାଇବା ସହ ଆଗାମୀ ପିଢ଼ି ନିକଟରେ ଏହାକୁ ପହଂଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଆଲୋଚନା ସଭାରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ସାହିତ୍ୟିକ ରାଜକିଶୋର ପଣ୍ଡା, ଅବସର ପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ବୈଜ୍ଞାନିକ ଡ. ରୂପଶ୍ରୀ ରାଗିଣୀ ଦାସ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ କହିଲେ ଯେ ଯେଉଁମାନେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସାମଗ୍ରୀକ ବିକାଶ ପାଇଁ ନିଜ ଜୀବନ କାଳ ମଧ୍ୟରେ କାର୍ଯ୍ୟ କରିଥାନ୍ତି ସେହିମାନେ ହିଁ ଏ ଜାତିର ପ୍ରକୃତ ବନ୍ଦନୀୟ ବରପୁତ୍ର । ଆମ ଜିଲ୍ଲା ଯାଜପୁରର ବହୁ ବରପୁତ୍ର ଆମକୁ ରାଜ୍ୟ ଓ ଦେଶରେ ଗର୍ବିତ କରିଛନ୍ତି । ବିଶେଷ କରି ଓଡିଶାରେ ଯେଉଁ ବରପୁତ୍ର ନିଜର ସ୍ୱତନ୍ତ୍ର ପରିଚୟ ଛାଡି ଯାଇଛନ୍ତି ସେମାନଙ୍କ ମଧ୍ୟରୁ ଯାଜପୁର ମାଟିର ଆଦି ନେତା ବିଚିତ୍ରାନନ୍ଦ ଦାସ ଓ ଉତ୍କଳ ପ୍ରାଣ ବ୍ରଜ ସୁନ୍ଦର ଦାସ ଅନ୍ୟତମ । ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରାଧ୍ୟାପକ କବି ଡ଼କ୍ଟର ଦାମୋଦର ବେହେରା କହିଲେ ଯେ ଲେଖକ ଜଣେ ଦୁଃଖୀ ମଣିଷଟିଏ, ରାତି ପାହିଲେ ଦୁଃଖ ସାଉଂଟେ । ସେହି ଦୁଃଖକୁ କଲମ ମୁନରେ ଲେଖି ବସେ । ତାହାହିଁ ସାଧାରଣ ଜନତାଙ୍କ ସାହିତ୍ୟ ଭାବେ ଆଦର ଲାଭ କରେ । ଅତିଥିମାନେ ଯାଜପୁର ଜିଲ୍ଲାର ସାହିତ୍ୟିକ, ସନ୍ଥ ମହାପୁରୁଷ, ଭାଷା ଆନ୍ଦୋଳନରେ ସାମିଲ ହୋଇଥିବା ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଆଲୋଚନାଚକ୍ର ପରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠ ଉତ୍ସବରେ 'ଗୋକର୍ଣ୍ଣିକା'ର ସମ୍ପାଦକ ରମାକାନ୍ତ ଜେନା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟି, ବରିଷ୍ଠ କବି ବିଦ୍ୟୁତ ପ୍ରଭା ଦାସ ଓ 'ଚିରନ୍ତନୀ'ର ସମ୍ପାଦିକା ସଂଯୁକ୍ତା ମହାପାତ୍ର ଅତିଥି ଭାବେ ଯୋଗ ଦେଇ ନିଜର କବିତା ପାଠ କରିଥିଲେ । ଏହା ପରେ ବାଇଧର ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କବି ଏବଂ କବୟିତ୍ରୀମାନେ ଆସି ବିଷୟ ଭିତ୍ତିକ ସ୍ୱରଚିତ କବିତା ପାଠ କରିଥିଲେ । ଅତିଥିଗଣ କବିମାନଙ୍କୁ ଉତରୀୟ ଏବଂ ଯଯାତି ୨୦୨୬ ସ୍ମରଣିକା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍କୃତି ବିଭାଗର ଜ୍ୟୋତିରଞ୍ଜନ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ବନ୍ଧୁ ମିଳନ ସମାବେଶ



ଧାମନଗର(ନିପ୍ର): ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି, ମହାବୀର ହନୁମାନ ଜୟନ୍ତୀ ପରିଷଦ ର ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଅଛି । ପରିଷଦ ର ସଭାପତି ଅନିଲ କୁମାର ବାରିକ ଅଧକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ସଚିକାନ୍ତ ପଣ୍ଡା ଉଦେଶ୍ୟ ଜ୍ଞାପନ ଓ ଓଡ଼ିଆ ନବବର୍ଷ ର ତାତ୍ପର୍ଯ୍ୟ ଉଲ୍ଲେଖ କରିଥିଲେ । ବକ୍ତବ୍ୟ ରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ସାମଲ, ନିରାକାର ଧଳ, ମହେଶ୍ୱର ସ୍ୱାଇଁ, ସୁରଥ ସେଠି, ବିଦ୍ୟାଧର ରାଉତ, ଧନଞ୍ଜୟ ଦାସ ଭୋଳାନାଥ ସାହୁ, ବିଶ୍ୱନାଥ ବେହେରା, ଲମ୍ବୋ ଦର ମହାନ୍ତି ପ୍ରମୁଖ ଯୋଗଦାନ କରି ବିଜ୍ଞାନ ସହ ଅକ୍ଷଧାତ୍ମ୍ୟ ଚିନ୍ତା ଓ ଚେତନା ଜଗତ ରେପରିବ୍ୟାପ୍ତ ହେଲେ ଆଜିର ଦିବସ ର ମୂଲ୍ୟବୋଧ ସଫଳ ହେବ ବୋଲି କହି ଥିଲେ । ଏହି ଅବସର ରେ ସେକ ଅବଦୁଲ ହାକିମ (ଗୋରା ସାର)ଙ୍କୁ ସର୍ବସମ୍ମତି କ୍ରମେ ଉପ ସଭାପତି ଭାବେ । ମନୋନୟନ କରାଯାଇ ଥିଲା । କୃଷ୍ଣ ଚନ୍ଦ୍ର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶୀ ରନ୍ଧା ମଦ ଓ ଗୁଡ଼ ପୋଚ ଜବତ: ୨ ଗିରଫ

ସୋର(ନିପ୍ର): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସୋର ଥାନା ଅନ୍ତର୍ଗତ ସିଙ୍ଗାଖୁଂଟା ପଂଚାୟତ ଅଧିନସ୍ଥ ବନ୍ଧସାହି ଗ୍ରାମରେ ଚଢ଼ାଉ କରାଯାଇ ୩୩୦ ଲିଟର ଦେଶୀ ରନ୍ଧା ମଦ ଓ ୨୮୦୦ ଲିଟର ଗୁଡ଼ ପୋଚ ଜବତ କରାଯିବା ସହିତ ବନ୍ଧସାହି ଗ୍ରାମର କାଣ୍ଡେଶ୍ୱର ନାୟକ ଓ ମିନି ସିଂ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି କ୍ଷ ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୦୨ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ।

# ବଂଶୀଧର ସ୍ମୃତିପରିଷଦ ପକ୍ଷରୁ ୩୩ତମ ବିଷୁବ ମିଳନ ଉତ୍ସବ




ନୟାଗଡ଼(ନିପ୍ର): ଓଡ଼ିଆ ନବ ବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବଂଶୀଧର ସ୍ମୃତି ପରିଷଦ ତରଫରୁ ତଥା ବଂଶୀଧର ଇଂଟର ନ୍ୟାସନାଲ ଫାଉଣ୍ଡେସନ ଫର ପିସ୍ ଆଣ୍ଡ ଡେଭଲପମେଂଟ ଆନୁକୂଲ୍ୟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀଯୁକ୍ତ ମନୋଜ କୁମାର ସାହୁଙ୍କ ପରିଚାଳନାରେ ୩୩ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଓ କବିତା ପାଠୋତ୍ସବ, ବଂଶୀଧର ମହାବିଦ୍ୟାଳୟ ଠାରେ ସଭାପତି ବିଦୁଲତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଭାପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବଂଶୀଧର ସାହୁଙ୍କ ସାହୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରା ଯାଇଥିଲା । ହନୁମାନ ଚାଳିଶା ସୁଜାତା ସାହୁ ପାଠ କରିଥିଲେ । ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ, ସଭା ସଂଯୋଜନା ଡ଼. ସୁକାନ୍ତି ମହାନ୍ତି କରିଥିଲେ । ମୁଖ୍ୟ ଅତିଥି - ପ୍ରମୋଦ ପଟ୍ଟନାୟକ, ମୁଖ୍ୟ ବକ୍ତା - ନିରାକାର ସ୍ୱାଇଁ, ସମ୍ମାନିତ ଅତିଥି - ରୀନବାଳା ସାହୁ ଓ ବିଦେଶୀ ନାୟକ ଯୋଗ ଦେଇ ବଂଶୀଧର ସାହୁଙ୍କ ଉପରେ ଓଜୋସ୍ୱିନୀ ଭାଷଣ ଦେବା ସହ କବି କାବ୍ୟ ଓ କବିତା ବିଷୟରେ ଆଲୋଚନା କରିଥିଲେ । ଆମ୍ବେଦକରଙ୍କ କାର୍ଯ୍ୟ କଳାପ ତଥା ହନୁମାନଙ୍କ ଉପରେ ମଧ୍ୟ ଆଲୋକ ପାତ୍ କରିଥିଲେ । ବିଦେଶୀ ନାୟକ - ବଂଶୀଧର ସ୍ମୃତି ସାରସ୍ୱତ ସମ୍ମାନ-୨୦୨୬ ନୀଳିମା ନନ୍ଦ - ବଂଶୀଧର ସ୍ମୃତି ସାହିତ୍ୟ ସମ୍ମାନ -୨୦୨୬ ଗୋପୀନାଥ ପରିଡ଼ା - ବଂଶୀଧର ସ୍ମୃତି ଯୁବ ସାହିତ୍ୟ ସମ୍ମାନ ୨୦୨୬ ଅରୁଣ କୁମାର ସାହୁ - ବଂଶୀଧର ସ୍ମୃତି ପତ୍ରକାର ସମ୍ମାନ ୨୦୨୬ ରବୀନ୍ଦ୍ର ରାଉତ- ବଂଶୀଧର ସ୍ମୃତି ଗୌରବ ସମ୍ମାନ ୨୦୨୬ଙ୍କୁ ପ୍ରଦାନ କରା ଯାଇଥିଲା । ରଙ୍ଗନାଥ ବେହେରା, କିଶୋର ସାହୁ, ସୁଜାତା ସାହୁ, ଶେଖ୍ ଅବଦୁଲ ଖାଲିକ୍, ନିର୍ମଳଚନ୍ଦ୍ର ଶୂରଦେଓ, ଗୋଲକ ବିହାରୀ ନାଏକ, ଦେବେନ୍ଦ୍ର ନାଥ ପରମଗୁରୁ, ଅନିତା ସ୍ୱାଇଁ, ମମତା ମଞ୍ଜରୀ ଦେବୀ, ମାଗୁଣି ଖଣ୍ଡା, ଡ଼ ସୁକାନ୍ତି ମହାନ୍ତି ଇତ୍ୟାଦି ୬୦ ଜଣ କବି ସ୍ୱ ସ୍ୱ କବିତା ପାଠ କରି ଥିଲେ । ହରପ୍ରିୟା ଦ୍ୱିବେଦୀ ଓ କ୍ଷଣପ୍ରଭା କର କବିତା ଗୁଡ଼ିକ ସଂଯୋଜନା କରିଥିଲେ । ସର୍ବଶେଷରେ ଡ଼. ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ସାଙ୍ଗ କରା ଯାଇଥିଲା ।

# ପ୍ରାକ୍ତନ ଟ୍ରେଜେରୀ କର୍ମଚାରୀଙ୍କ ପରଲୋକ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାର୍ବତୀପୁର ଗ୍ରାମର ଅବସରପ୍ରାପ୍ତ ଟ୍ରେଜେରୀ କର୍ମଚାରୀ ଉପେନ୍ଦ୍ର ପ୍ରସାଦ ପତି(୮୩) ଶନିବାର ପରଲୋକ ଗମନ କରିଛନ୍ତି । ମୃତ୍ୟୁ ଖବର ପାଇଁ ଶିକ୍ଷକ ନେତା ସୁଶାନ୍ତ ମହାପାତ୍ର ଓ ବହୁ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପତି ବାଲେଶ୍ୱର ଟ୍ରେଜେରୀରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ ।

# ଶିକ୍ଷା ବିଭାଗର ଆଲୋଚନା ଚକ୍ର ଅନୁଷ୍ଠିତ




ଝୁଂଟା(ନିପ୍ର): ଜି ବି ନଗର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଝୁଂଟା ଡିଗ୍ରୀ ମହାବିଦ୍ୟାଳୟରେ ଶିକ୍ଷଣ ପ୍ରକ୍ରିୟାରେ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ ଏକ ସ୍ଥାୟୀ ଶିକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ଶୀର୍ଷକର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ବିଭାଗୀୟ ମୁଖ୍ୟ ରଞ୍ଜନ କୁମାର ମହାପାତ୍ର ସଭାପତି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଯୋଗ ଦେଇ ବିକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଉଦଳା ମହାବିଦ୍ୟାଳୟର ଶିକ୍ଷା ବିଭାଗର ବରିଷ୍ଠ ଅଧାପକ ଡଃ ସନ୍ତୋଷ କୁମାର ପଣ୍ଡା ଯୋଗ ଦେଇ ଉକ୍ତ ଶୀର୍ଷକ ଉପରେ ସମ୍ୟକ୍ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁନୀଲ ବିଶ୍ୱାଳ, ପ୍ରିୟଙ୍କା ମହାପାତ୍ର, ଯୁଗଳ କିଶୋର ମୁର୍ମୁ, ଧରିତ୍ରୀ ଗୋଚ୍ଛାୟତ, ଅଞ୍ଜନା ବେହେରା ନିଜ ନିଜର ପକ୍ଷ ରଖିଥିଲେ । ଶିକ୍ଷା ବିଭାଗର ଅଧାପିକା ବବିତା ମହାନ୍ତ, ପ୍ରଦର୍ଶକ ଶଙ୍କର୍ଷଣ ଗିରି ଉକ୍ତ ଶୀର୍ଷକ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅଧାପିକା ଜନ ଡେନି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



# କଟକ ଇଣ୍ଡୋର ଷ୍ଟାଡିୟମ ଠାରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ଅନୁଷ୍ଠିତ




କଟକ (ନି. ପ୍ର) ଆଜି ପୂର୍ବାହ୍ନରେ ଇଣ୍ଡୋର ଷ୍ଟାଡିୟମଠାରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାଧ୍ୟମରେ ନାରୀ ସଶକ୍ତିକରଣ ଓ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବା ସହ ଆର୍ଥିକ ଉନ୍ନତି ସୁରକ୍ଷା ଓ ମାର୍ଯ୍ୟାଦା ସଂପର୍କରେ ଆଲୋକପାତ କରିଥିଲେ । ବାଜପାୟୀଜୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ନାରୀ ଶକ୍ତି ପ୍ରତି ଧ୍ୟାନ ଦିଆଯାଇଥିବା ବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନାରୀ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବାର କହିଥିଲେ । ଆଜି ନାରୀମାନେ ବ୍ୟବସାୟ, ଚାକିରୀ, ଶିକ୍ଷା ଦ୍ୱାରା ସ୍ୱାବଲମ୍ବି ହୋଇପାରିଛନ୍ତି ଏବଂ ବିଶେଷ କରି ରାଜନୀତି କ୍ଷେତ୍ରରେ ନାରୀମାନେ ମଧ୍ୟ ପ୍ରତିନିଧିତ୍ୱ କରି ଗଣତନ୍ତ୍ରକୁ ସୁଦୃଢ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ମାନ୍ୟବର ବିଧାୟିକା ଇଂ. ସୋଫିଆ ଫିରଦୋସ ସଭାରେ ଯୋଗଦେଇ ଏହି ମହିଳା ସଂଗଠନ ଗୋଟେ ଆଇନ ନୁହେ । ଏହା ଦୀର୍ଘ ବର୍ଷର ସଂଘର୍ଷ, ଯାହାକି ମହିଳାମାନଙ୍କୁ ତୃଣମୂଳସ୍ତରରୁ ସଶକ୍ତ ଏବଂ ସ୍ୱାବଲମ୍ବି କରିବା ପାଇଁ ଏହା ଥିଲା ମୂଳଲକ୍ଷ୍ୟ । ଯାହାକି ଏବେ ସମ୍ଭବପର ହୋଇ ପାରିଛି ବୋଲି ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ,ଡ଼ଃ ଭର୍ତ୍ତୃହରି ମହତାବ,କଟକ ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଶ୍ରୀ ଭାଉ ସାହେବ ଶିନ୍ଦେ,ଏ ସି ପି, ଅନନ୍ୟା ଅୱସ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,ମିନାକ୍ଷୀ ଠାକୁର, ଏସ ସି ବି ମେଡିକାଲ ଅଧକ୍ଷା, ପ୍ରଫେସର ଡାକ୍ତର ପ୍ରତିଭା ପଣ୍ଡା, ବାଙ୍କୀ ଉପ ଜିଲ୍ଲାପାଳ ମନୋସ୍ୱୀନି ଦାସ, ଜିଲ୍ଲାପରିଷଦ ଉପସଭାପତି ସୁଭଦ୍ରା ଦାସ, ରାଜ୍ୟ ମହିଳା କମିଶନ ସଦସ୍ୟା, ପ୍ରତିଭା ଶତପଥୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ମହିଳା ସଭାନେତ୍ରୀ ଯୋଗଦେଇଥିଲେ । ଆଜିର ଏହି ନାରୀ ଶକ୍ତି ସମ୍ମିଳନୀ ଶୁଭାରମ୍ଭ ଅବସରରେ ପ୍ରାରମ୍ଭରେ କଟକ ମହାନଗର ନିଗମ ଅୟୁକ୍ତ, ସୁଶ୍ରୀ କିରଣଦୀପ କୌର ସହୋତା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ନାରୀ ସଶକ୍ତିକରଣ ର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସକାଳେ ବାରବାଟୀ ଦୁର୍ଗ ଠାରୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନଙ୍କୁ ନେଇ ଏକ ପଦଯାତ୍ରା ମଧ୍ୟ ଆୟୋଜନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ସି.ଏମ କପ ୨୦୨୬ ଗଞ୍ଜାମ ଜିଲ୍ଲା ପଂଚମ ଦିନରେ ପଦାର୍ପିତ

ବ୍ରହ୍ମପୁର (ନି.ପ୍ର): ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ଆୟୋଜିତ ସି. ଏମ କପ ୨୦୨୬ ଆଜି ପଂଚମ ଦିନ ରେ ପହଂଚିଛି । ଫୁଟବଲ ଖେଳ ର ପ୍ରଥମ ମ୍ୟାଚ ଖେମୁଣ୍ଡି ଏଫ. ସି ବାଳିକା ଓ ଡ଼ି.ଏ.ଭି ସ୍କୁଲ ବାଳିକା ବର୍ଗ ମଧ୍ୟରେ ଖେଳା ଯାଇଥିଲା ଏବଂ ଉଭୟ ବାଳିକା ଦଳ ୧-୧ ଗୋଲ ରେ ମ୍ୟାଚ ଡ୍ର ହୋଇଥିଲା । ଦ୍ୱିତୀୟ ମ୍ୟାଚ ଓ. ଏ. ଭି ସିଦ୍ଧେଶ୍ୱର ସ୍କୁଲ ବାଳିକା ଦଳ ଓ ସେ[ ଜାଭିଅର ହାଇସ୍କୁଲ ଲ, ଆମ୍ବପୁଆ ମଧ୍ୟରେ ଖେଳା ଯାଇଥିଲା, ଓ. ଏ. ଭି ସିଦ୍ଧେଶ୍ୱର ସ୍କୁଲ ବାଳିକା ୧ -୦ ଗୋଲ ରେ ବିଜୟ ହାସଲ କରିଛି । ଆଜି ପ୍ରଥମ ମ୍ୟାଚ ରେ ଅତିଥି ରୂପେ ଯୋଗ ଦେଇଥିଲେ ଡା଼ ଶଶାଙ୍କ ସ୍ୱରୂପ ଦାସ ଏବଂ ଦ୍ୱିତୀୟ ମ୍ୟାଚ ରେ ଅତିଥି ରୂପେ ଯୋଗ ସନ୍ତୋଷ ଟ୍ରଫି ଖେଳାଳି ଡ଼ି. ଆପା ରାଓ ଯୋଗ ଦେଇଥିଲେ ଏଥି ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ



ଖେଳାଳି ଏଲ. କେ ରାଓ, ଡ଼ି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡ଼ି.ଡି ଗନ୍ତାୟତ, ଜି. ଏମ. ବାବୁ,ସୀତାରାମ ତ୍ରିବ୍ରେତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ମ୍ୟାଚ କୁ ପରିଚାଳନା କରିଥିଲେ ରଂଜିତ ପାତ୍ର, ରମେଶ ବେହେରା, ବିଶ୍ୱନାଥ ପାତ୍ର,ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଙ୍କ ଦ୍ୱାରା ପ୍ରକାଶିତ ।

# ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳନ

କେନ୍ଦୁଝର, (ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଟୁକୁଡିହା ପଂଚାୟତର କଲ୍ୟାଣୀ ମଣ୍ଡମ ଠାରେ ଭାରତୀୟ ଜନତା ପାର୍ଟିର ଉଖୁଣ୍ଡା ମଣ୍ଡଳର ଏସ୍.ସି ମୋର୍ଚ୍ଚା ପକ୍ଷରୁ ଡକ୍ଟର.ବି ଆର ଆମ୍ବେଦକର ଙ୍କ ୧୩୫ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଉଖୁଣ୍ଡା ମଣ୍ଡଳ ବିଜେପିର ଏସ୍.ସି ମୋର୍ଚ୍ଚା ସଭାପତି ଗଗନ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜେପିର ଏସ୍.ସି. ମୋର୍ଚ୍ଚା ସଭାପତି ସାନ୍ତୁନୁ ସେଠୀ ମଂଚାସିନ ଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ବିଜୟଲକ୍ଷ୍ମୀ ପାତ୍ର, ଏସ.ଟି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ମାଟୁରାମ



ମୁଣ୍ଡା,ଉଖୁଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ ନବକିଶୋର ବେହେରା,ପାଟଣା ନିର୍ବାଚନ ମଣ୍ଡଳୀର ବିଧାୟକଙ୍କ ପ୍ରତିନିଧି ଚିନ୍ତାମଣି ମହାନ୍ତ, ଉଖୁଣ୍ଡା ମଣ୍ଡଳ ଉପସଭାପତି ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଅତିଥିମାନେ ମହା ମାନବ ବିଶ୍ୱରତ୍ନ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକର ଙ୍କ ଅବଦାନ ଆଜି ଦେଶବାସୀ ଙ୍କୁ ବିଭିନ୍ନ ବର୍ଗ ରେ ନ୍ୟାୟ ଓ ବଂଚିବାର ସ୍ୱାଧୀନତା ଦେଇଛି,ତାଙ୍କ ଦ୍ୱାରା ଲିଖତ ସମ୍ବିଧାନ ଆଜି ମାନବ ସମାଜକୁ ବଂଚିବାର ନୂତନ ରାହା ପ୍ରଦାନ କରିଛି ବୋଲି କହିଲେ ଏବଂ ବାବା ସାହେବ ଆମ୍ବେଦକର ଙ୍କ ସ୍ମୃତି ଚାରଣ କରିବା ସହ ଏହି ପବିତ୍ର ଦିନ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗଗନ କୁମାର ପାତ୍ର ସଭାପତିତ୍ୱ କରିଥିବାବେଳେ ବିଜେପିର ଉଖୁଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ ଅଶୋକ କୁମାର ପାତ୍ର ମଂଚ ପରିଚାଳନା କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବିଜେପିର ଉଖୁଣ୍ଡା ମଣ୍ଡଳ ଉପ ସଭାପତି ଶରତ ଚନ୍ଦ୍ର ପାତ୍ର । ଏହି କାର୍ଯ୍ୟକ୍ରମରେ ଅନେକ ଭାରତୀୟ ଜନତା ପାର୍ଟିର ଏସ୍.ସି. ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ଏବଂ ଏସ.ସି. ମୋର୍ଚ୍ଚା ଉପ ସଭାପତି ଜଗରନ୍ନାଥ କାରୁଆ, ଏସ.ସି. ମୋର୍ଚ୍ଚାର ଜଗବନ୍ଧୁ ପାତ୍ର ସହଯୋଗ କରିଥିଲେ ।

# ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ

କେନ୍ଦୁଝର, (ନି.ପ୍ର.) କେନ୍ଦୁଝର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଡ଼ଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଡ଼ଃ ଆମ୍ବେଦକରଙ୍କ ସମେତ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପ୍ରଦାନ କରିଥିବା ପ୍ରତିକ୍ରିୟାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡ଼ଃ ଆମ୍ବେଦକରଙ୍କୁ ମହାନ ସମାଜ ସଂସ୍କାରକ ଭାବେ ଅଭିହିତ କରିବା ସହ ବିଶ୍ୱର ସର୍ବବୃହତ ସମ୍ବିଧାନ ପ୍ରସ୍ତୁତ କରି ଦେଶର ଏକତା, ଅଖଣ୍ଡତା ଓ ସାମାଜିକ ସମାନତାକୁ ସୁନିଶ୍ଚିତ କରିବାରେ ତାଙ୍କ ଅଗ୍ରଗଣ୍ୟ ଭୂମିକାକୁ ମନେ ପକାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦଳିତ, ଅବହେଳିତ ଓ ନିଷ୍ପେସିତଙ୍କ ସାମାଜିକ ସୁରକ୍ଷା ଓ



ଅଭିବୃଦ୍ଧି କରି ସେମାନଙ୍କ ଉତ୍ଥାନ ପାଇଁ ଡ଼ଃ ଆମ୍ବେଦକର ସମ୍ବିଧାନରେ ଯେଉଁ ବ୍ୟବସ୍ଥା କରିଛନ୍ତି ସେହିସବୁକୁ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ନେତୃତ୍ୱାଧୀନ ସରକାର ଅଗ୍ରାଧିକାର ଦେଉଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଅନ୍ତର୍ଭୁକ୍ତ କରାଇ ଡ଼ଃ ଆମ୍ବେଦକରଙ୍କ ଦ୍ୱାରା ପ୍ରବର୍ତିତ ସାମାଜିକ ସମାନତାର ମନ୍ତ୍ରକୁ ପ୍ରତିଫଳିତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀଶ୍ରୀ ମାଝୀ ଜିଲ୍ଲା ତଥା ରାଜ୍ୟବାସୀଙ୍କୁ ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଏବଂ ମହାବୀର ଜୟନ୍ତୀର ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଜିଲ୍ଲା ଯୋଜନା କମିଟି ତଥା ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଡିଆଇଜି ବ୍ରିଜେଶ କୁମାର ରାୟ, ଜିଲ୍ଲାପାଳ୍ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ

ଛତ୍ରପୁର (ନି.ପ୍ର.) : ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ନବବର୍ଷ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ଅପ୍ରେଲ ପହିଲାରୁ ଆରମ୍ଭ ହୋଇ ଦୁଇ ସପ୍ତାହ ଧରି ଚାଲିଥିବା ସରକାରଙ୍କ ''ଓଡିଆ ପକ୍ଷ'' ପର୍ବ ଓଡିଆ ଭାଷା, ସାହିତ୍ୟ, ଅସ୍ମିତା, ସଂସ୍କୃତି ଓ ସ୍ୱତନ୍ତ୍ରତାର ପୁନଃଜାଗରଣ ଓ ପୁନଃପ୍ରତିଷ୍ଠା କରିବାରେ ବହୁବିଧ ସକ୍ଷମ ହୋଇଛି ବୋଲି ଶ୍ରୀ ଜେନା ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ସୁନୀଲ କୁମାର କେର୍କେଟା ଯୋଗଦେଇ ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ବୋଲି କାମନା କରିବା ସହିତ ନିଜର ମାତୃଭୂମି, ମାତୃଭାଷା ଓ ସ୍ୱକୀୟ ସ୍ୱତନ୍ତ୍ରତାକୁ ନେଇ ସବୁବେଳେ ଆମେ ଗର୍ବ କରିବା ଉଚିତ ବୋଲି କହିଥିଲେ । ଏହି ଉତ୍ସବରେ ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ କର୍ମଚାରୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ଓ ଓରମାସର ମିଳିତ ଆନୁକୂଲ୍ୟରେ ସ୍ୱାଦିଷ୍ଟ ପଣା ବ[ନ କରାଯାଇଥିଲା ।

# ଡିଏଭି ପବ୍ଲିକ ସ୍କୁଲ ତରଫରୁ ପଣା ବଂଟନ ସାଙ୍ଗକୁ ଅଂଶୁଘାତ ଜନିତ ସଚେତନତା ରାଲି

ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ତରଫରୁ ଅଂଶୁଘାତ ମୁକାବିଲା ଜନିତ ସତର୍କତା, ସ୍ୱାସ୍ଥ୍ୟ ସଚେତନତା ଓ ଟ୍ରାଫିକ ନୀତିବିଧି ମାନିବା ଉଦ୍ଦେଶ୍ୟରେ ଏକ ବିରାଟ ରାଲି ଆୟୋଜିତ ହୋଇଥିଲା । ଡ. ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ପାଳନ ସମେତ ମହା ବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ସାଙ୍ଗକୁ ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମୀକାନ୍ତ ଦେବତାଙ୍କ ନେତୃତ୍ୱରେ ଆୟୋଜିତ ମେଗା କାର୍ଯ୍ୟକ୍ରମରେ ଡ. ଭୀମ ରାଓ ଆମ୍ବେଦକରଙ୍କ ଜୀବନ୍ତାକାୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ମିନି ମାରାଥନର ଶୁଭାରମ୍ଭ କରିଥିଲେ । ମାରାଥନ ପ୍ରତିଭାଗୀମାନେ ଡ. ଆମ୍ବେଦକର ଛକଠାରୁ ଡିଏଭି ସ୍କୁଲ ପରିସର ପର୍ଯ୍ୟନ୍ତ ରାଲି କରି ଝାରସୁଗୁଡ଼ା ଅଂଚଳରେ ଜନ ସମାଜକୁ ଅଂଶୁଘାତ ମୁକାବିଲା ଜନିତ ସତର୍କତା, ସ୍ୱାସ୍ଥ୍ୟ ସଚେତନତା ଓ ଟ୍ରାଫିକ ନୀତି ନିୟମ ଆଦି ସନ୍ଦର୍ଭରେ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ । ଅଂଶୁଘାତରୁ ରକ୍ଷା ପାଇଁ ଆବଶ୍ୟକ ସତର୍କତା ତଥା ଘରୁ ବାହାରୁଥିବାବେଳେ ଛତା ବା ଟୋପିର ବ୍ୟବହାର କରିବା, ପ୍ରଚୁର ପାଣି ପିଇବା, ଟାଣ ଖରାରେ ନ ବୁଲିବା ଆଦି ବିଷୟରେ ସଚେତନ କରାଇଥିଲେ । ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଦ୍ୟାଳୟ ସମ୍ମୁଖରେ ଲୋକଙ୍କ ନିମିତ ପଣା ବ[ନ ବ୍ୟବସ୍ଥା କରାଯାଇଥିଲା । ବିଦ୍ୟାଳୟ ପରିସର ମଧ୍ୟରେ ଅଧ୍ୟକ୍ଷ ଶ୍ରୀ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଫଟୋଫଳକରେ ମାଲ୍ୟାର୍ପଣପୂର୍ବକ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଆମ୍ବେଦକରଙ୍କ ଗୁଣାବଳୀ ଅନୁସରଣ କରିବା ସହିତ ଆତ୍ମସମୀକ୍ଷା ଓ ଆତ୍ମ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଲାଗି ଭାବ ବ୍ୟକ୍ତ କରିଥିଲେ । ସମାଜର ପଦକ୍ଷେପ ଭବିଷ୍ୟତରେ ଲୋକଙ୍କୁ ସୁସ୍ଥ ଓ ସୁରକ୍ଷିତ ଜୀବନ ନିର୍ବାହରେ ସାହାଯ୍ୟ କରିବ ବୋଲି ଆଶା ବ୍ୟକ୍ତ କରାଯାଇଛି । ରିଜ୍ୱାନ ପଟେଲ, ନୀଳିମା ପଟେଲ, ପବିତ୍ର ମୋହନ କବି, ରିଙ୍କୁ ଶର୍ମା, ମନିଷା ଦେ, ବିଜୟ ଦାଶ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# କୁମୁଲି ଜଗନ୍ନାଥ ମନ୍ଦିରରେ ତାଲା ଭାଙ୍ଗି ଲକ୍ଷ୍ୟଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ୍

ବୋରିଗୁମ୍ମା:(ନି.ପ୍ର.) ସୋମବାର ବିଳମ୍ବିତ ରାତି ରେ ବୋରିଗୁମ୍ମା ବ୍ଲକ ର କୁମୁଲି ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀ ଜଗନ୍ନାଥ ମନ୍ଦିର ରୁ ତାଲା ଭାଙ୍ଗି ଦୁର୍ବୃତ ଲୁଟି ନେଲେ ଲକ୍ଷ୍ୟଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଏବଂ ଦାନ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଉଉଞ୍ଚଠ ର ହାର୍ଡ ଡିସ୍କ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଗତ ରାତିରେ



ଦୁର୍ବୃତମାନେ ମନ୍ଦିରର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ସୂଚନା ମିଳୁଛି । ଘଟଣା ପରେ ମନ୍ଦିର ପରିସରରେ ଅସ୍ତବ୍ୟସ୍ତ ପରିସ୍ଥିତି ଦେଖାଦେଇଛି ।ସକାଳେ ପୂଜା ପାଇଁ ଆସିଥିବା ଭକ୍ତମାନେ ମନ୍ଦିରର ଏହି ଅବସ୍ଥା ଦେଖି ଅବାକ ହୋଇଯାଇଥିଲେ । ଖବର ପ୍ରଚାର ପରେ ଶହ ଶହ ଜଗନ୍ନାଥ ପ୍ରେମୀ ମନ୍ଦିର ସମ୍ମୁଖରେ ଭିଡ଼ ଜମା କରିଥିଲେ ।ତଦନ୍ତ କରି ଦୁର୍ବୃତମାନଙ୍କୁ ଯଥା ଶୀଘ୍ର ଗିରଫ କରିବା ପାଇଁ ଗ୍ରାମବାସୀ ପୋଲିସ କୁ ନିବେଦନ କରିଛନ୍ତି । ଘଟଣାକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବି.ସିଂହପୁର ଥାନାରେ ଲିଖିତ ଅଭିଯୋଗ ପରେ ବି.ସିଂହପୁର ପୋଲିସ ବୋରିଗୁମ୍ମା ଏସ୍ଡିପିଓ ଏବଂ କୋରାପୁଟ ରୁ ସାଇ[ଫିକ ଟିମ ଘଟଣାସ୍ଥଳରେ ପହଂଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ମନ୍ଦିରଟି ମାତ୍ର ଏକ ମାସ ତଳେ ପ୍ରତିଷ୍ଠା ହୋଇଥିଲା । ଏତେ କମ ସମୟ ମଧ୍ୟରେ ଏପରି ଚୋରି ଘଟଣା ଘଟିଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠିଛି କ୍ଷ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଥିବା ବେଳେ ଭକ୍ତମାନେ ଶୀଘ୍ର ନ୍ୟାୟ ଦାବି କରୁଛନ୍ତି ।ଘଟଣା ପରେ ମର୍ମାହତ ହୋଇ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଯୁବ ନେତା ଗୌତମ ସାମନ୍ତରାୟ ମନ୍ଦିରରେ ପହଂଚି ବି ସିଂହପୁର ଥାନା ଅଧିକାରୀଙ୍କୁ ଭେଟି ତୁରନ୍ତ ଲୁଟେରା ମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି ।

# ଭାରତ ରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୬ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ

ଛତ୍ରପୁର(ନି.ପ୍ର.) ଭାରତୀୟ ସମ୍ବିଧାନର ମୁଖ୍ୟ ପ୍ରଣେତା, ସାମାଜିକ ସମାନତା ଓ ନ୍ୟାୟର ସଂଗ୍ରାମୀ, ଅବହେଳିତଙ୍କ ଅଧିକାରର ସ୍ୱର, ଶିକ୍ଷାର ମହତ୍ୱର ପ୍ରଚାରକ ଭାରତ ରତ୍ନ ବାବା ସାହେବ ଡଃ ଭୀମ ରାଓ ରାମଜୀ ଆମ୍ବେଦକରଙ୍କ ୧୩୬ ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଓ ଓଡିଆ ନବବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ମହା ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ବାବା ସାହେବ ଆମ୍ବେଦକରଙ୍କ ତୈଳଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଗଞ୍ଜାମ ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ କହିଥିଲେ ଯେ, ଡଃ ଆମ୍ବେଦକର ନିଜର ପ୍ରଗାଢ ପାଣ୍ଡିତ୍ୟ, ବିଚକ୍ଷଣ ବୁଦ୍ଧି ଓ ଅନ୍ୟ ଜ୍ଞାନୀଗୁଣି ବ୍ୟକ୍ତିଙ୍କ ସହଯୋଗରେ ବିଶ୍ୱର ସର୍ବ ବୃହତ୍ ଲିଖିତ ସମ୍ବିଧାନ ପ୍ରସ୍ତୁତି କାର୍ଯ୍ୟ ସୂଚାରୁରୂପେ ସଂପାଦନ କରିଥିଲେ । ସେହି ସମ୍ବିଧାନ ଆମକୁ ସମସ୍ତ ପ୍ରକାର ସ୍ୱାଧୀନତା ଓ ସମତା ପ୍ରଦାନ କରିଛି । ନିଜେ ବିକଶିତ ହେଲେ ପରିବାର ବିକଶିତ ହେବ, ପରେ ପରେ ଗାଁ, ସମାଜ, ରାଜ୍ୟ ଓ ଦେଶ ବିକଶିତ ହୋଇ ପାରିବ ବୋଲି କହିବା ସହିତ ଛାତ୍ରଛାତ୍ରୀ



ମାନଙ୍କୁ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେଯେ, ଆମ ସମ୍ବିଧାନ ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ସମ୍ବିଧାନ । ରାଜ୍ୟ ଓ କେନ୍ଦ୍ର, ଧନୀ ଓ ଗରିବ ମଧ୍ୟରେ କିପରି ସନ୍ତୁଳନ ରକ୍ଷାକରି ସାମ୍ବିଧାନିକ ଧାରା ଅନୁଯାୟୀ କିପରି ଶାସନ ପରିଚାଳନା କରାଯାଇପାରିବ ତାହା ସମ୍ବିଧାନରେ ଉଲ୍ଲେଖ ରହିଛି । ଆମ ସମ୍ବିଧାନ ହିଁ ଆମକୁ ଭାରତୀୟ ନାଗରିକ ରୂପେ ପରିଚୟ ଦେଇଥାଏ । ଆଜି ମଧ୍ୟ ସମାଜରେ ଅସମାନତା ରହିଛି, ତାହାକୁ ଆଜିର ଯୁବପିଢି ଦୂର କରି ଏକ ସୁନ୍ଦର ଓ ସମତାପୂର୍ଣ୍ଣ ଦେଶ ଗଢିବା ପାଇଁ ସେ ଯୁବପିଢିଙ୍କୁ ଆହ୍ୱାନ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ସୁନୀଲ କୁମାର କେର୍କେଟା ଯୋଗଦେଇ କହିଥିଲେ ଯେ, ସମ୍ବିଧାନ ଆମକୁ ଦେଇଛି ମୌଳିକ ଅଧିକାର ଓ ମୌଳିକ କର୍ତବ୍ୟ । ସମାଜ ସବୁ ସମୟରେ ଅଧିକାର କଥା ଉଚ୍ଚସ୍ୱରରେ କହିଆସିଛି, ସାମ୍ପ୍ରତିକ ସମାଜକୁ ଏବେ କର୍ତବ୍ୟ ବିଷୟରେ ଉଚ୍ଚସ୍ୱରରେ କହିବାକୁ ପଡିବ ତାହାହେଲେ ଯାଇ ଆମେ ଆମ୍ବେଦକରଙ୍କ ପରି ମହାମନୀଷୀଙ୍କ ସ୍ୱପ୍ନର ଭାରତ ଗଢିପାରିବା । ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଏନ୍. ନାରାୟଣ ରେଡ୍ଡୀ ଯୋଗଦେଇ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ସତୀର୍ଥ ସ୍ମୃତି ଚାରଣ କରିବା ସହିତ ୪୦ ବର୍ଷ ତଳର ସମାଜ ଓ ବର୍ତମାନର ସମାଜର ଏକ ତୁଳନାତ୍ମକ ଚିତ୍ର, ବିବିଧତା ମଧ୍ୟରେ ବିକାଶ, ସମ୍ବିଧାନର ମୁଖବନ୍ଧରେ ଉଲ୍ଲେଖିତ ଭାବଧାରା ଆଦି ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ତଥା ଆଇନଜୀବୀ ରଞ୍ଜନ ମହାପାତ୍ର ଯୋଗଦେଇ କହିଥିଲେ ଯେ, ସ୍ୱାଧୀନ ଭାରତର ଗଣତନ୍ତ୍ର ଶାସନର ସମ୍ବିଧାନ ପ୍ରଣୟନ କରିବା ଥିଲା ସମଗ୍ର ଭାରତୀୟଙ୍କ ପାଇଁ ତାଙ୍କର ସର୍ବାଧିକ ଅବଦାନ । ଅଧିକାର ଓ ଦାବୀ ହାସଲ ଦିଗରେ ତାଙ୍କର ଶିକ୍ଷା ଓ ଦର୍ଶନ , ଆଜି ଲୋକ ମାନଙ୍କ ପାଇଁ ଏକ ମାର୍ଗ ଦର୍ଶିକା ଭାବେ କାର୍ଯ୍ୟ କରୁଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ଡଃ ଆମ୍ବେଦକରଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେଯେ, ସ୍ୱାଧୀନତା ପୂର୍ବରୁ ଏବଂ ସ୍ୱାଧୀନୋତର ଭାରତ ବର୍ଷରେ ଯେଉଁ କେତେ ଜଣ ମନୀଷୀ ନିଜର ସାଧନା, ନିଷ୍ଠା, ଅଧ୍ୟବସାୟ ଓ କଠୋର ତପସ୍ୟା ବଳରେ ସାମ୍ପ୍ରତିକ ସମାଜ ତଥା ରାଜନୈତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଛନ୍ତି, ସେମାନଙ୍କ ମଧ୍ୟରେ ଭାରତ ରତ୍ନ ଡଃ ଆମ୍ବେଦକର ଥିଲେ ଅନ୍ୟତମ । ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ ନିମନ୍ତେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କରାଯାଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଆଇନଜୀବୀ ଡ଼ଃ ପ୍ରଶାନ୍ତ ଶତପଥି, ସୟଦ ମୁକ୍ତାର, ଦିଲ୍ଲୀପ ପଲ୍ଲାଇଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ଓଡ଼ିଆ ନବ ବର୍ଷ ଏବଂ ପଣା ସଂକ୍ରାନ୍ତି ମଧ୍ୟ ପାଳନ କରାଯାଇଛି । ସମସ୍ତଙ୍କୁ ପଣା ବ[ନ କରାଯାଇଥିଲା । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଲିଗୁଡ଼ିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଲେ ସାଂସଦ ଦିଲ୍ଲୀପ ରାୟ

ଭୁବନେଶ୍ୱର : ନିର୍ବାଚନ ପ୍ରଚାର ପାଇଁ ପଶ୍ଚିମବଙ୍ଗର ସିଲିଗୁଡ଼ି ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ । ମେ ଫେୟାର ଟି ରିସର୍ଟରେ ରହଣି ସମୟରେ ଦିଲ୍ଲୀପ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ମୋଦି ବେଶ କିଛି ସମୟ ଯାଏ ଦିଲ୍ଲୀପଙ୍କ ସହ କଥା ହୋଇଥିଲେ । ପ୍ରଧାନମମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ, ଉତ୍ସର୍ଗୀକୃତ ଭାବନା ଓ ଦେଶ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତା ସମସ୍ତଙ୍କୁ ପ୍ରେରଣା ଦେଉଛି । ଦେଶର ଭବିଷ୍ୟତ ଗଢୁଥିବା ଏହି ନେତାଙ୍କୁ ଭେଟି କଥା ହେବା ମୋ ପାଇଁ ଗର୍ବର ବିଷୟ ବୋଲି ଦିଲ୍ଲୀପ ଏକ୍ସ ଫଟୋ ପୋଷ୍ଟ କରିଛନ୍ତି ।



## ଆଶ୍ରମ ଝାଡ଼ାବାନ୍ତି ଘଟଣାରେ ମୃତ ଛାତ୍ରୀଙ୍କ ପରିବାକୁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ମୟୁରଭଞ୍ଜ: ମୟୂରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ସ୍କୁଲ ହଷ୍ଟେଲରେ ବାସି ପଖାଳ ଓ ଆଳୁ ଚଟଣି ଖାଇବା ପରେ ୧୦୦ରୁ ଅଧିକ ଅନ୍ତେବାସୀ ଅସୁସ୍ଥ ହୋଇପଡ଼ିଥିଲେ । ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ରସଗୋବିନ୍ଦପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟାର ସୁଧାର ନହେବାରୁ ଗତକାଲି ସନ୍ଧ୍ୟାରେ ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏଥିରେ ଜଣେ ରୂପାଲି ନାମକ ଛାତ୍ରୀ ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା ହେଲେ ଆଜି ଚିକିତ୍ସାଧୀନ ଅବସ୍ଥାରେ ରୂପାଲିର ମୃତ୍ୟୁ ଘଟିଛି । ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତ ଛାତ୍ରୀଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ । ଏଥିସହ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ଏହି ଘଟଣାରେ ଜିଲ୍ଲାପାଳଙ୍କୁ ୨ଟି ସ୍ୱତନ୍ତ୍ର ଟିମ୍ ଭେଟି କାକବନ୍ଧ ଆଶ୍ରମ ସ୍କୁଲକୁ ପରିଦର୍ଶନ କରିବା ସହିତ ସ୍ଥିତି ସମୀକ୍ଷା କରି କେଉଁ ପରିସ୍ଥିତିରେ ଏତେ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହେଲେ ତାର ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।








# ନୂଆ ରତ୍ନ ପଲଙ୍କରେ ଶୋଇବେ ମହାପ୍ରଭୁ



ପୁରୀ: ପୁରୀ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଇନଭେଂଟରୀ ଆଜିଠାରୁ ଆରମ୍ଭ ହେବ । ଓଡିଆ ନବବର୍ଷରେ ମହାପ୍ରଭୁଙ୍କ ନୂଆ ରତ୍ନ ପଲଙ୍କ ବ୍ୟବହାର ହେବ । ନୂଆ ରତ୍ନ ପଲଙ୍କ ସଂସ୍କାର କରାଯିବା ପରେ ଆଜି ଏହା ବ୍ୟବହାର କରାଯିବ । ଶ୍ରୀମନ୍ଦିରରେ ପ୍ରଭୁ ଜଗନ୍ନାଥ, ଭାଇଭଉଣୀମାନେ ନୂତନ 'ରତ୍ନ ପଲଙ୍କ' ଉପରେ ବିଶ୍ରାମ ନେବେ । ୩ଟି ରତ୍ନ ପଲଙ୍କ ନିର୍ମାଣ ହୋଇଛି । ପଲଙ୍କରେ ରୂପା ଆଚ୍ଛାଦିତ କରାଯାଇଛି । ପୁରୁଣା ରତ୍ନ ପଲଙ୍କ ଶ୍ରୀମନ୍ଦିର ନିଳାଦ୍ରୀ ମ୍ୟୁଜିୟମରେ ରଖାଯିବ । ଶ୍ରୀଜଗନ୍ନାଥ ମନ୍ଦିରରେ ଏକ ବିଶେଷ ରୀତିନୀତିରେ ପୁରୀରେ, ୧୪ ଏପ୍ରିଲରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇ ନୂତନ ଭାବରେ ନିର୍ମିତ 'ରତ୍ନ ପଲଙ୍କ' (ମଣି ଖଚିତ ଶଯ୍ୟା) ଉପରେ ଦେବତାମାନଙ୍କୁ ସ୍ଥାପନ କରାଯିବ । ମନ୍ଦିର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ତିନୋଟି ନୂତନ ରତ୍ନ ପାଳଙ୍କ ନିର୍ମାଣ କରାଯାଇଛି ଏବଂ ସେଗୁଡ଼ିକୁ ରୂପା ପ୍ରଲେପରେ ସଜ୍ଜିତ କରାଯାଇଛି । ଦେବତାମାନଙ୍କ ଶୟନ (ବିଶ୍ରାମ ବିଧି) ପାଇଁ ବ୍ୟବହାର କରିବା ପୂର୍ବରୁ ଏଗୁଡ଼ିକୁ ବିଧିବଦ୍ଧ ଭାବରେ ପବିତ୍ର କରାଯିବ । ମଙ୍ଗଳବାରଠାରୁ, ଦୈନନ୍ଦିନ ରୀତିନୀତିର ଏକ ଅଂଶ ଭାବରେ ଦେବତାମାନେ ଏହି ନୂତନ ପବିତ୍ର ପଲଙ୍କ ଉପରେ ବିଶ୍ରାମ ନେବେ । ଏହି ସମୟରେ, ପୁରୁଣା ରତ୍ନ ପଲଙ୍କଗୁଡ଼ିକୁ ସଂରକ୍ଷିତ କରି ମନ୍ଦିର ପରିସର ମଧ୍ୟରେ ନୀଳାଦ୍ରି ସଂଗ୍ରହାଳୟରେ ରଖାଯିବ । ମନ୍ଦିର ପରିଚାଳନା କମିଟିର ବୈଠକ ପରେ ସେମାନଙ୍କର ସଠିକ୍ ସ୍ଥାନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତି ନିଆଯିବ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଝଔଜ୍ଞଇ)ର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏନେଇ ସୂଚନା ଦେଇଛନ୍ତି ।

# ଦିଲ୍ଲୀ-ଡେରାଡୁନ ଇକୋନୋମିକ କରିଡ଼ରର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ଡେରାଡୁନ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବହୁପ୍ରତୀକ୍ଷିତ ଦିଲ୍ଲୀ- ଡେରାଡୁନ ଆର୍ଥିକ କରିଡୋରର ଉଦ୍ଘାଟନ କରି କହିଛନ୍ତି ଯେ, ସଡ଼କ, ରେଳ ଓ ଅନ୍ୟାନ୍ୟ ଭିତିଭୂମି ଦେଶର 'ଭାଗ୍ୟ ରେଖା' ଅଟେ ଏବଂ ଗତ ଦଶକରେ ଭାରତ ଏହାର ବ୍ୟାପକ ନିର୍ମାଣ କରୁଛି । ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଉତରାଖଣ୍ଡର ଉନ୍ନତିକୁ ନୂଆ ଗତି ଦେବା ସହିତ ଉତର ପ୍ରଦେଶର ଅନେକ ସହର ପାଇଁ ମଧ୍ ଲାଭକାରୀ ସାବ୍ୟସ୍ତ ହେବ । ଧାନମନ୍ତ୍ରୀ ଡେରାଡୁନରେ ଆୟୋଜିତ ଉଦ୍ଘାଟନ ସମାରୋହରେ କହିଛନ୍ତି ଯେ, ଉତରାଖଣ୍ଡ ନିଜର ସ୍ଥାନାର ୨୫ ବର୍ଷ ପୂରଣ କରି ୨୬ତମ ବର୍ଷରେ ପ୍ରବେଶ କରିଛି ଏବଂ ଏହି ଅବସରରେ ଦିଲ୍ଲୀ- ଡେରାଡୁନ ଏକ୍ସପ୍ରେସ-ଓ୍ୱେର ଉଦ୍ଘାଟନ ରାଜ୍ୟର ପ୍ରଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ସେ ନିଜ ପୂର୍ବ କଥାକୁ ପୁନରାବୃତି କରି କହିଛନ୍ତି ଯେ, ଏହି ଦଶକ ଉତରାଖଣ୍ଡର ଦଶକ ହେବ ଏବଂ 'ଡବଲ୍ ଇଞ୍ଜିନ' ସରକାରର ନୀତି ଓ ରାଜ୍ୟବାସୀଙ୍କର ପରିଶ୍ରମରେ ଏହା ସମ୍ଭବ ହେଉଛି । ସେ କହିଛନ୍ତି ଯେ, ଏହି ଆର୍ଥିକ କରିଡୋର ଉତର ପ୍ରଦେଶର ଗାଜିଆବାଦ, ବାଘପତ, ବଡ଼ଉତ, ଶାମଲୀ ଓ ସହାରାନପୁର ଭଳି ସହର ମାଧ୍ୟମରେ ।ଇଥାଏ, ଯାହାର ଫଳରେ ଏହି ଅଂଚଳମାନେ ମଧ ବ୍ୟାପକ ଲାଭ ପାଇବେ । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହି ସେ କହିଛନ୍ତି , ଏହା ଦେହରାଦୁନ, ହରିଦ୍ୱାର, ଋଷିକେଶ, ମସୂରୀ ଓ ଚାରଧାମ ଯାତ୍ରାକୁ ନୂଆ ଗତି ଦେବ । ପ୍ରଧାନମନ୍ତ୍ରୀ ଭିତିଭୂମି ଢାଂଚାକୁ ଦେଶର ଭବିଷ୍ୟତ ସହ ଯୋଡ଼ି କହିଥିଲେ ଯେ, ଯେପରିକି ଲୋକେ ହାତର ରେଖା ଦେଖି ଭବିଷ୍ୟତ ଅନୁମାନ କରନ୍ତି, ସେପରି ଗୋଟିଏ ଦେଶର ଭାଗ୍ୟ ରେଖା ହେଉଛି ତାହାର ସଡ଼କ, ହାଇଓ୍ୱେ, ରେଳ, ବିମାନ ଓ ଜଳଥ । ସେ କହିଛନ୍ତି ଯେ, ଏଗୁଡ଼ିକ କେବଳ ବର୍ତମାନର ସୁବିଧା ନୁହେଁ, ଆଗାମୀ ପିଢ଼ୀମାନଙ୍କର ସମୃଦ୍ଧିର ନିଶ୍ଚିତତା ମଧ୍ୟ ଅଟେ ।

## ବାବାସାହେବଙ୍କ ଆଦର୍ଶକୁ ବାସ୍ତବରେ କାର୍ଯ୍ୟକାରୀ କରିଛି ବିଜେପି ସରକାର : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଭାରତୀୟ ସମ୍ବିଧାନର ପ୍ରଣେୟତା ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ କେବେଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ରାଷ୍ଟ୍ରର ବିଚାରଧାରା । ତାଙ୍କର ବିଚାର ହିଁ ଆମ ସମସ୍ତଙ୍କର ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କୁହନ୍ତି । ସେହି ଦୂରଦୃଷ୍ଟିକୁ ସଫଳ କରିବା ପାଇଁ "ସବ୍‌କା ସାଥ ସବ୍‌କା ବିକାଶ" ମନ୍ତ୍ରରେ ବିଜେପି ସରକାର ଆଗକୁ ବଢ଼ିଚାଲିଛି । ତାଙ୍କ ସ୍ମୃତି ଆମକୁ ସର୍ବଦା ସାମାଜିକ ନ୍ୟାୟ ପଥରେ ଚାଲିବା ପାଇଁ ପ୍ରେରଣା ଦିଏ । କଂଗ୍ରେସ ସରକାର ସମୟରେ ବାବାସାହେବଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା । ତାଙ୍କୁ ଭାରତରତ୍ନ ଦେବାରୁ ବଂଚିତ କରାଯାଇଥିଲା । ୧୯୯୦ ମସିହାରେ ଯେତେବେଳେ ଭାରତୀୟ ଜନତପାର୍ଟିର ସମର୍ଥନରେ କେନ୍ଦ୍ରରେ ସରକାର ଥିଲା, ସେତେବେଳେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ବୋଲି ରାଜ୍ୟ କାର୍ଯ୍ୟାଳୟରେ ବାବାସାହେବଙ୍କ ୧୩୬ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଜୀ ବାବାସାହେବଙ୍କ ସହ ଜଡ଼ିତ ୫ଟି ମୁଖ୍ୟସ୍ଥାନକୁ ପଂଚତୀର୍ଥ ଭାବେ ବିକଶିତ କରିଛନ୍ତି । ଏହା ବିଜେପି ପାଇଁ ରାଜନୀତି ନୁହେଁ, ଏହା ହେଉଛି ଦଳର ବାବାସାହେବଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସାମାଜିକ ମୂଲ୍ୟବୋଧର ପ୍ରତୀକ । କେବଳ କେନ୍ଦ୍ରରେ ନୁହେଁ ଓଡ଼ିଶାରେ ମଧ ବାବା ସାହେବଙ୍କ ଆଦର୍ଶରେ ଡବଲଇଞ୍ଜିନ ସରକାର ଗରିବଙ୍କ ସରକାର ଭାବେ କାର୍ଯ୍ୟ କରୁଛି । ଏଠାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍ । ବିଜେପି କେବଳ ଘୋଷଣା କରେ ନାହିଁ ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ କରେ । ଓଡ଼ିଶା ଡବଲଇଞ୍ଜିନ ସରକାର ଲୋକଙ୍କ ସରକାରର ମାନ୍ୟତା ପାଇଥିବାବେଳେ ବାବା ସାହେବଙ୍କ ବାର୍ତା ଯେପରି ପ୍ରତି ଘରେ ପହଂଚିପାରିବ ସେନେଇ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ତାଙ୍କ ପଦାଙ୍କ ଅନୁସରଣ କରି ସାମାଜିକ ସଂହତି ରକ୍ଷା କରି ମଜ୍‌ଭୁତ ଓଡ଼ଶା ଗଢ଼ିବା ଆମ ସମସ୍ତଙ୍କ କର୍ତବ୍ୟ । ଏହାହିଁ ବାବାସାହେବଙ୍କ ପ୍ରତି ବିଜେପିର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମାଝୀ କହିବା ସହ ଓଡିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ଓଡ଼ିଶାର ମହାପୁରଷ ଏବଂ ବାବାସାହେବଙ୍କ ଫଟୋ ଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଉଦ୍ ?ଘାଟନ କରିବା ସହ ପଣା ସଂକ୍ରାନ୍ତି ଉପଲକ୍ଷେ ପଣା ବଂଟନ କରିଥିଲେ ।

## ଡିଏମକେ ଶାସନରେ ସାଂସ୍କୃତିକ ରାଜଧାନୀ ଅପରାଧୀ ରାଜଧାନୀରେ ପରିଣତ ହୋଇଛି : ଜେପି ନଡ୍ଡା

ଚେନ୍ନାଇ : କେନ୍ଦ୍ରୀୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ମଙ୍ଗଳବାର ଏଠାରେ କହିଛନ୍ତି ଯେ, ଦ୍ରାବିଡ଼ ମୁନେତ୍ର କଳଘମ (ଦ୍ରମୁକ) ଏକ ପରିବାରବାଦୀ ଦଳ ଓ ଏହାର ଶାସନରେ ଚେନ୍ନାଇ ଏକ ସାଂସ୍କୃତିକ ରାଜଧାନୀରୁ 'ଅପରାଧର ରାଜଧାନୀ'ରେ ପରିଣତ ହେଉଛି, ଯାହା ସମଗ୍ର ଦେଶ ପାଇଁ ଚିନ୍ତାର ବିଷୟ । ଶ୍ରୀ ନଡ୍ଡା ତାମିଲନାଡୁର ରାଜଧାନୀରେ ପୁଥାଣ୍ଡୁ (ତାମିଲ ନବବର୍ଷ) ଓ ଡ଼ଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଅବସରରେ ତାମିଲନାଡୁ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ତାଙ୍କର ଦୃଷ୍ଟିପତ୍ର 'କମଳର ପ୍ରତିଶ୍ରୁତି ୨୦୨୬' ଜାରି କରିବା ପରେ ଆୟୋଜିତ ସମାରୋହରେ ଏହି କଥା କହିଛନ୍ତି । ସେ ରାଜ୍ୟର ବର୍ତମାନ ସ୍ଥିତି ପ୍ରତି ଚିନ୍ତା ବ୍ୟକ୍ତ କରି କ୍ଷମତାସୀନ ଡିଏମକେ ସରକାର ଉପରେ ଆକ୍ରମଣ କରିଛନ୍ତି ।ସେ କହିଛନ୍ତି, "ଆମେ ଭାରତୀୟମାନେ ତାମିଲନାଡୁ ପ୍ରତି ଗର୍ବବୋଧ କରୁଛୁ, କାରଣ ଏହା ବିଶ୍ୱର ସବୁଠୁ ପୁରାତନ ସଭ୍ୟତାମାନଙ୍କ ମଧ୍ୟରୁ ଗୋଟିଏର ଉତ୍ସସ୍ଥଳ । କିନ୍ତୁ ବର୍ତମାନର ଦ୍ରମୁକ ସରକାର ଶାସନରେ ଏହା ସାଂସ୍କୃତିକ ରାଜଧାନୀରୁ 'ଅପରାଧର ରାଜଧାନୀ'ରେ ପରିଣତ ହେଉଛି, ଯାହା ଗୁରୁତର ଚିନ୍ତାର ବିଷୟ ।" ଶ୍ରୀ ନଡ୍ଡା କହିଛନ୍ତି ଯେ, ସେ ଯେତେବେଳେ ପରିବାରବାଦୀ ରାଜନୀତିର କଥା କହନ୍ତି, ସେଥିରେ ଗୋଟିଏ ପରିବାର ଦ୍ୱାରା ପରିଚାଳିତ ଦଳର କଥା ଥାଏ, ଯେଉଁଠାରେ ଷ୍ଟାଲିନ ଶୀର୍ଷରେ ଅଛନ୍ତି, ଉଦୟନିଧି ଉତରାଧିକାରୀ ଏବଂ କନିମୋଝି ସହଯୋଗୀ । ସେ ପ୍ରଶ୍ନ କରିଥିଲେ, ଦଳ ଏଭଳି ଚାଲେ କି ? ଏହା ପରିବାର ଶାସନ । ଡିଏମକେ ମହିଳା, ଯୁବବର୍ଗ ଓ ସମାଜର ପଛୁଆ ବର୍ଗମାନଙ୍କ ବିଶ୍ୱାସକୁ ଧୋକା ଦେଇଛି ।



## ଘରୋଇ ଗ୍ରାହକଙ୍କ ବିଲ୍ ବକେୟା ଥିଲେ ଗ୍ରୀଷ୍ମ ଋତୁରେ କଟିବନି ବିଦ୍ୟୁତ୍ ସଂଯୋଗ :ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର :ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ, କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ୨୦୨୬ର ଏହି ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମୌସୁମୀ ଆସିବା ପର୍ଯ୍ୟନ୍ତ ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ । ଉପମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଯେ, ବିଲ୍ ପୈଠ ନକରିବା କାରଣରୁ କୌଣସି ବି ଡ଼ିସକମ୍ ଦ୍ୱାରା ଘରୋଇ ଗ୍ରାହକଙ୍କ ଅଘୋଷିତ ବିଦ୍ୟୁତ୍ କାଟ୍ କରିପାରିବେ ନାହିଁ । କେବଳ ଅତ୍ୟାବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସାମୟିକ ଭାବେ ବିଦ୍ୟୁତ୍ କାଟ୍ ହୋଇପାରିବ । ଏହି ସମସ୍ତ ପୂର୍ବ ନିର୍ଦ୍ଧାରିତ ବିଦ୍ୟୁତ୍ କାଟ୍ ବିଷୟରେ ଗ୍ରାହକମାନଙ୍କୁ ଝଗଝ ଆଲର୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ମାଧ୍ୟମରେ ଆଗୁଆ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଶକ୍ତି ବିଭାଗ ଏବଂ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଗୁଡ଼ିକୁ ସେମାନଙ୍କ କର୍ମଚାରୀମାନଙ୍କୁ ଏହି ନିର୍ଦ୍ଦେଶ ବିଷୟରେ ଅବଗତ କରାଇବାକୁ ଅନୁରୋଧ କରିଛନ୍ତି । ଏହି ଘୋଷଣାର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକମାନେ ଆଶ୍ୱସ୍ତି ପାଇପାରିବେ ।

## ଓଡ଼ିଶାକୁ ହିଟୱେଭ ଆଲର୍ଟ : ୪୫ ଡିଗ୍ରୀ ଛୁଇଁବ ତାପମାତ୍ରା

ଭୁବନେଶ୍ୱର: ଓଡ଼ିଶାକୁ ହିଟୱେଭ ଆଲର୍ଟ । ଆହୁରି ବଢ଼ିବ ଗରମ ଗୁଳୁଗୁଳି । ୪୫ ଡିଗ୍ରୀ ଛୁଇଁବ ତାପମାତ୍ରା । ଭୁବନେଶ୍ୱର ପାଣିପାଗ କେନ୍ଦ୍ର ଅନୁଯାୟୀ, ଆଗାମୀ ପାଂଚ ଦିନ ମଧ୍ୟରେ ତାପମାତ୍ରା ୪୫ଡ୍ସ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଓଡ଼ିଶା ଏକ ତୀବ୍ର ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ଆଂଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଯେ ରାଜ୍ୟର ଉପକୂଳ ଏବଂ ଆଭ୍ୟନ୍ତରୀଣ ଅଂଶରେ ୧୭ ଏପ୍ରିଲ ପର୍ଯ୍ୟନ୍ତ ପ୍ରଚଣ୍ଡ ଗରମ ଏବଂ ଆର୍ଦ୍ରତା ଅନୁଭବ ହେବ । ସେ ସତର୍କ କରାଇ ଦେଇଛନ୍ତି ଯେ ଆଗାମୀ ଦିନରେ ଗରମ ପରିସ୍ଥିତିରୁ ମୁକ୍ତି ପାଇବା ଅସମ୍ଭବ । ତେଣୁ ସତର୍କ ରୁହନ୍ତୁ । ଦିନର ତାପମାତ୍ରା କ୍ରମାଗତ ଭାବରେ ବୃଦ୍ଧି ପାଇବା ସହିତ ଅନେକ ଜିଲ୍ଲାରେ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି । ଭୁବନେଶ୍ୱର, କଟକ ଏବଂ ପଶ୍ଚିମ ଓଡ଼ିଶା ସହର ଯେପରିକି ସମ୍ବଲପୁର ଏବଂ ଝାରସୁଗୁଡାରେ ପ୍ରବଳ ଗରମ ରେକର୍ଡ କରାଯାଇଛି । ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ଶୁଷ୍କ ଉତର-ପଶ୍ଚିମ ପବନ ଏବଂ ସ୍ୱଚ୍ଛ ଆକାଶ ସମଗ୍ର ଅଂଚଳରେ ତାପମାତ୍ରାକୁ ତୀବ୍ର କରୁଛି । ସ୍ୱାସ୍ଥ୍ୟ ଅଧିକାରୀମାନେ ଭିଡ଼ ସମୟରେ ଅତ୍ୟନ୍ତ ଖରାରେ ବାହାରକୁ ଯିବା ଏଡାଇବା ଏବଂ ଖୁବ୍ ପାଣି ପିଇବାକୁ ପରାମର୍ଶ ଦେଇଛନ୍ତି । କର୍ତ୍ତୃପକ୍ଷମାନେ ଲୋକଙ୍କୁ ଗରମ ଏବଂ ନିର୍ଜଳନ ବିରୁଦ୍ଧରେ ସତର୍କତା ଅବଲମ୍ବନ କରିବାକୁ ମଧ ଅନୁରୋଧ କରିଛନ୍ତି । ପାଣିପାଗ ବିଭାଗ କହିଛି ଯେ ସାରା ଓଡ଼ିଶାରେ ପାରଦ ଅଧିକ ରହିବ, ଏପ୍ରିଲ ମଧ୍ୟଭାଗ ପର୍ଯ୍ୟନ୍ତ କୌଣସି ଉଲ୍ଲେଖନୀୟ ବର୍ଷା ହେବାର ସମ୍ଭାବନା ନାହିଁ । ଦୀର୍ଘ ସମୟ ଧରି ଚାଲିଥିବା ଗ୍ରୀଷ୍ମ ପ୍ରବାହ ଦୈନନ୍ଦିନ ଜୀବନକୁ ବାଧାପ୍ରାପ୍ତ କରିଛି, ଯାହା ବାହ୍ୟ ଶ୍ରମିକ ଏବଂ ଯାତ୍ରୀମାନଙ୍କୁ ପ୍ରଭାବିତ କରିଛି ।



## ଆଇପିଏଲ-୨୦୨୬ : କୋଲକାତା ଆଗରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଚେନ୍ନାଇ



ଚେନ୍ନାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୨ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମୁହାଁମୁହିଁ ହୋଇଛନ୍ତି । ଚେନ୍ନାଇର ଏମ୍.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ମଙ୍ଗଳବାର କୋଲକାତା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଘରୋଇ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଛି । ଫଳରେ କୋଲକାତାକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୯୩ ରନ୍ ଦରକାର ଅଛି । ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ରତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ । ଦଳର ସ୍କୋର ୨୫ ରନ୍ ଥିଲା ବେଳେ ପ୍ରଥମ ଝଟକା ଲାଗିଥିଲା । କୋଲକାତାର ପ୍ରଥମ ଶିକାର ହୋଇଥିଲେ ଗାଏକ୍ୱାର୍ଡ । ସେ ମାତ୍ର ୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ୬ଟି ବଲ୍ ଖେଳି ଗୋଟିଏ ଚେ ?କା ମାରିଥିଲେ । ସାମସନ୍ ଏବଂ ଆୟୁଷ ମହାତ୍ରେ ଦ୍ୱିତୀୟ ୱିକେଟ୍ ପାଇଁ ୪୯ ରନ୍‌ର ଭାଗିଦାରୀ କରିଥିଲେ । ଆୟୁଷ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୩୮ ରନ୍ ସଂଗ୍ରହ କରିଥିଲେ । ସେ ୧୭ଟି ବଲ୍‌ର ସାମ୍ନା କରି ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ । କୋଲକାତାର ତୃତୀୟ ଶିକାର ହେବା ପୂର୍ବରୁ ସଂଜୁ ସାମସନ ବ୍ୟକ୍ତିଗତ ଭାବେ ୪୮ ରନ୍ କରିଥିଲେ । ସେ ୩୨ଟି ବଲ୍ ଖେଳି ୪ଟି ଚେ ?କା ଏବଂ ୩ଟି ଛକା ମାରିଥିଲେ । ଡେୱାଲ୍ଡଙ୍କ ବ୍ୟାଟରୁ ୪୧ ରନ୍‌ସଂଗ୍ରହ ହୋଇଥିଲା । ସେ ୨୯ଟି ବଲ୍ ଖେଳି ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ସଫରରାଜ ଖାନ ଗୋଟିଏ ଚୌକା ଏବଂ ୨ଟି ଛକା ବଳରେ ୨୩ ରନ୍ କରିଥିଲେ । ଶିଭବ ଦୁବେ ଅପରାଜିତ ୧୩ ରନ୍ ଏବଂ ଜିମି ଓଭରଟନ୍ ଅପରାଜିତ ୭ ରନ୍ ସଂଗ୍ରହ କରିଥିଲେ । କୋଲକାତା ପକ୍ଷରୁ କାର୍ତିକ ତ୍ୟାଗୀଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ବୈଭବ ଅରୋଜା, ଅନୁକୂଳ ରୟ ଏବଂ ସୁନୀଲ ନାରାୟଣଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

## ଟି-ଟ୍ୱେଂଟି ମହିଳା ବିଶ୍ୱକପ ; ୧୦% ବଢ଼ିଲା ପୁରସ୍କାର ରାଶି

ନୂଆଦିଲ୍ଲୀ :ଆଗାମୀ ମହିଳା ଟି-ଟ୍ୱେଂଟି ବିଶ୍ୱକପ୍କୁ ଆଉ ୨ମାସ ବାକି ରହିଥିଲା । ଆଜି ଆଇସିସି ପକ୍ଷରୁ ବିଶ୍ୱକପ୍ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି । ପୂର୍ବାପେକ୍ଷା ଏଥର ପୁରସ୍କାର ରାଶିକୁ ୧୦% ବୃଦ୍ଧି କରାଯାଇଛି । ଚଳିତ ବର୍ଷ ମୋଟ ୮୨ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଗତ ସଂସ୍କରଣରେ ୭୪କୋଟି ଟଙ୍କା ରହିଥିଲା । ଇଂଲଣ୍ଡ ଏବଂ ୱେଲ୍ସ ଏଥର ବିଶ୍ୱକପ୍ ଆୟୋଜନ କରିବ । ଆଗାମୀ ଜୁନ୍ ୧୨ରୁ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇ ଜୁଲାଇ ୫ ତାରିଖରେ ଶେଷ ହେବ । ଏଥର ଦଳ ସଂଖ୍ୟା ୧୨କୁ ବୃଦ୍ଧି ହୋଇଛି । ଗତ ସଂସ୍କରଣରେ ୧୦ଟି ଦଳ ଭାଗ ନେଇଥିଲେ । ଦଳ ସଂଖ୍ୟା ବୃଦ୍ଧି କରାଯାଇଥିବାରୁ ପୁରସ୍କାର ରାଶିକୁ ମଧ ବଢ଼ାଯାଇଛି । ଚଳିତ ବର୍ଷ ଚାମ୍ପିଅନ୍ ଦଳକୁ ୨୧.୮କୋଟି ଏବଂ ରନର୍ସ ଅପ୍ ଦଳକୁ ୧୦କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି ସେମି ଫାଇନାଲ୍ରେ ପରାଜିତ ଦଳଙ୍କୁ ୬.୨୯କୋଟି ଓ ଗ୍ରୁପ୍ ମ୍ୟାଚ୍ରେ ବିଜେତା ଦଳ ୨୯ଲକ୍ଷ ଟଙ୍କା ଲେଖାଏଁ ପାଇବେ । ୧୨ଟି ଯାକ ଦଳ ୨.୦୬କୋଟି ଲେଖାଏଁ ପାଇବା ଏକ ପ୍ରକାର ନିଶ୍ଚିତ ।ଭାରତୀୟ ଦଳ ଗ୍ରୁପ୍-୧ରେ ସ୍ଥାନ ପାଇଛି । ଦଳ ଆସନ୍ତା ଜୁନ ୧୪ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଆଜି ବିଶ୍ୱକପ୍ର ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ପ୍ରଥମେ ଆୟୋଜକ ଇଂଲଣ୍ଡରେ ଟ୍ରଫି ଭ୍ରମଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଏବଂ ନେଦରଲାଣ୍ଡ୍ସକୁ ଟ୍ରଫି ଯାତ୍ରା କରିବ ବୋଲି ଆଇସିସି ସିଇଓ ସଂଯୋଗ ଗୁପ୍ତା ପ୍ରକାଶ କରିଛନ୍ତି । ସମସ୍ତ ୧୨ଟି ଦଳ ଅତି କମରେ ପ୍ରାୟ ୨.୦୬ କୋଟିର ଏକ ନିଶ୍ଚିତ ପୁରସ୍କାର ପାଇବେ । ଏହି ଟୁର୍ଣ୍ଣାମେଂଟ ଜୁନ୍ ୧୨ ତାରିଖରେ ବର୍ମିଂହାମର ଏଜବାଷ୍ଟନରେ ଆୟୋଜକ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ଏକ ମ୍ୟାଚ୍ ସହିତ ଆରମ୍ଭ ହେବ ।ମହିଳା କ୍ରିକେଟ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ଆଇସିସି ମହିଳା ଟି-ଟ୍ୱେଂଟି ବିଶ୍ୱକପକୁ ୧୨ ଦଳକୁ ବିସ୍ତାର କରିବା ଏବଂ ରେକର୍ଡ ପୁରସ୍କାର ରାଶି ପ୍ରଦାନ କରିବା ଦର୍ଶାଏ ଯେ ଆମେ ଏହି କ୍ରୀଡ଼ାକୁ ଅଧିକ ଶକ୍ତିଶାଳୀ ଏବଂ ପ୍ରତିଯୋଗିତାମୂଳକ କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରୁଛୁ ବୋଲି କହିଛନ୍ତି ଆଇସିସି ସିଇଓ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**